## ଆଜି କ'ଣ କେଉଁଠି

ଆସିକା

- ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ- ବରଗାଁ, ଆସିକା ଏନ୍‌ଏସି, ସମୟ- ଅପରାହ୍ନ ୨ଟା ୪୦ମିନିଟ

# ହଳଦିଆପଦରକୁ ବ୍ରହ୍ମପୁର ବସ୍‌ଷ୍ଟାଣ୍ଡ ଅକ୍ଟୋବର ୨ରୁ

ବ୍ରହ୍ମପୁର ଅଫିସ,୨୭।୮

ବ୍ରହ୍ମପୁର ବସ୍‌ଷ୍ଟାଣ୍ଡର ସ୍ଥାନାନ୍ତର ନେଇ ରହିଥିବା ସମସ୍ୟାର ଏବେ ଅନ୍ତ ଘଟିବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ହଳଦିଆପଦର ବସ୍‌ଟର୍ମିନାଲକୁ ବ୍ରହ୍ମପୁର ବସ୍‌ଷ୍ଟାଣ୍ଡ ଭାବେ ଘୋଷଣା କରାଯିବ। ଉକ୍ତ ଷ୍ଟାଣ୍ଡରୁ ସମସ୍ତ ବସ୍ ଚଳପ୍ରଚଳ କରିବ। ନୂଆ ଷ୍ଟାଣ୍ଡକୁ ସିଟି ବସ୍‌ଷ୍ଟାଣ୍ଡ ଭାବେ ଘୋଷଣା ସହ ଏହାର ମରାମତି ମଧ୍ୟ କରାଯିବ। ମଙ୍ଗଳବାର ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷରେ ଆୟୋଜିତ ସ୍ୱତନ୍ତ୍ର ସାଧାରଣ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନର ନୂଆ ବସ୍‌ଷ୍ଟାଣ୍ଡ ତଥା ସିଟି ବସ୍‌ଷ୍ଟାଣ୍ଡର ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ଏ ବାବଦରେ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଯୋଜନା ରହିଥିବା ବିଡିଏ ଉପାଧକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋର ବୈଠକରେ ସୂଚାଇଥିଲେ।

ବ୍ରହ୍ମପୁର ସହର କର୍ପୋରେଶନ ରୋଡରେ ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ବିଡିଏର ୫ ଏକର ଜମିରେ ଗଞ୍ଜାମ ହାଟ ନିର୍ମାଣ ହେବ। ଏନେଇ ଏକ ସ୍ୱତନ୍ତ୍ର ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବିଡିଏ ସମ୍ମିଳନୀ କକ୍ଷରେ ଉପାଧକ୍ଷ ତଥା ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) କମିଶନର ଚକ୍ରବର୍ତ୍ତୀ


ବୈଠକରେ ବିଡିଏ ଉପାଧକ୍ଷ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

### ବିଡିଏର ସ୍ୱତନ୍ତ୍ର ବୈଠକ

- ଚୂଡାନ୍ତ ହେଲା ଗଞ୍ଜାମ ହାଟ ଡିଜାଇନ
- ଖର୍ଚ୍ଚ ହେବ ୩୦ କୋଟି
- ୪୫ ଦିନରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ଲକ୍ଷ୍ୟ

ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗଞ୍ଜାମ ହାଟ ଡିଜାଇନକୁ ଚୂଡାନ୍ତ କରାଯିବା ସହ ହଳଦିଆ ପଦର ବସ୍‌ଷ୍ଟାଣ୍ଡକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଉପରେ ଆଲୋକପାତ କରାଯାଇଥିଲା। ହଳଦିଆପଦର ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନେଇ ବୈଠକ ପରେ ବୈଠକ ବସୁଥିଲେ ମଧ୍ୟ ଆଲୋଚନା ବିଫଳ ହେଉଛି। ଏନେଇ ଆରଟିଓଙ୍କ ସହ ଆସନ୍ତା ୩୧ତାରିଖରେ ଆଲୋଚନା କରାଯାଇ ହଳଦିଆପଦର ବସ୍‌ଷ୍ଟାଣ୍ଡକୁ ବ୍ରହ୍ମପୁର ବସ୍‌ଷ୍ଟାଣ୍ଡ ନାମରେ ଘୋଷଣା କରାଯିବ। ଏଥିସହ କର୍ପୋରେଶନ ରୋଡରେ ପରିତ୍ୟକ୍ତ ଅବସ୍ଥାରେ ଥିବା ବିଡିଏର ୫ ଏକର ଜମିରେ ଗଞ୍ଜାମ ହାଟ ନିର୍ମାଣ ହେବ। ୩୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ମଣିଷ ହାର୍ଟ ଆକୃତି ଡିଜାଇନରେ ନିର୍ମାଣ ହେବ। ସେଥିରେ ୬୬ ଦୋକାନ ଘର ସହ ୨୫୦୦ ସିଟ ବିଶିଷ୍ଟ ଏକ ଥିଏଟର ହଲ ରହିବ। ଏହାବ୍ୟତୀତ ମହିଳା, ଶିଶୁ, ବରିଷ୍ଠ ନାଗରିକଙ୍କ ବ୍ୟବହାରିକ ଉପକରଣ ନିମିତ୍ତ ସ୍ୱତନ୍ତ୍ର ସ୍ଥାନ ରହିବ। ଗଞ୍ଜାମ ହାଟ ସମ୍ମୁଖରେ ପ୍ରାୟ ୭୦ ହଜାର ବର୍ଗ ଫୁଟ ଅଞ୍ଚଳରେ ୩ ମହଲା ବିଶିଷ୍ଟ ଏକ କମର୍ସିଆଲ କମ୍ପ୍ଲେକ୍ସ ନିର୍ମାଣ ହେବ। ଯେଉଁଥିରେ ୧୧୧ ଦୋକାନ ଘର ନିର୍ମାଣ କରାଯିବ। ପ୍ରତ୍ୟେକ ଶନିବାର ଓ ରବିବାର ଆଞ୍ଚଳିକ କଳାକାରଙ୍କ ଦ୍ୱାରା ଗଞ୍ଜାମ ହାଟ ମଧ୍ୟରେ ସହରବାସୀଙ୍କ ଆମୋଦ ପ୍ରମୋଦ ନିମିତ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ମଧ୍ୟ ଯୋଜନା ରହିଥିବା ଉପାଧକ୍ଷ ରାଠୋର ସୂଚାଇଥିଲେ। ଏଥି ପାଇଁ ଆସନ୍ତା ୪୫ ଦିନ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବାକୁ ଥିବା ବେଳେ ଦେଢ ବର୍ଷରୁ ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବୈଠକରେ କୁହାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବିଡିଏ ସଚିବ ସମ୍ପିତ ରାଉତ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଗଞ୍ଜାମ ହାଟ ନକ୍ସା



## ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୨୭।୮:** ସରକାରୀ ରେଳବାଇ ପୋଲିସ (ଜିଆରପି) ମଙ୍ଗଳବାର ଗୋଳନ୍ଥରା ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ହରିହର ସାହୁ (୨୫)। ଘର ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳାଶ୍ରୀଗୋପାଳପୁର ବୋଲି ପୋଲିସ କହିଛି। ମୃତଦେହ ଜବତ କରି ନଂ.୩୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ମଙ୍ଗଳବାର ସକାଳେ ରେଳଧରଣାରେ ଏକ ମୃତଦେହ ପଡିଥିବା ଖବର ପାଇ ଜିଆରପି ସେଠାରେ ପହଞ୍ଚିଥିଲା। ଯୁବକଙ୍କ ପ୍ୟାଣ୍ଟ ପକେଟରୁ ଏକ ଆଧାର କାର୍ଡ, କଟକରୁ ବ୍ରହ୍ମପୁରକୁ ଟ୍ରେନ ଟିକେଟ ଓ ଏକ ଏଟିଏମ୍ କାର୍ଡ ଜବତ କରିଥିଲା। ପୋଲିସ ଆଧାର କାର୍ଡ ଦ୍ୱାରା ଯୁବକଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ପରିଚୟ ସ୍ପଷ୍ଟ କରିଥିଲା। ୨ ଦିନ ତଳେ ହରିହର ଘରୁ କେଉଁଆଡେ ପଳାଇ ଯାଇଥିଲେ। ଏନେଇ ତାଙ୍କ ଘର ଲୋକ ନିକଟସ୍ଥ ଥାନାରେ ଅଭିଯୋଗ କରିଥିଲେ ବୋଲି ପୋଲିସ କହିଛି। ଯୁବକଙ୍କ ମୁଣ୍ଡ ପୋଲିସ ପାଇନାହିଁ। ଘଟଣା ପରେ ବିଲୁଆ କି ଅନ୍ୟ କୌଣସି ଜନ୍ତୁ କଟା ମୁଣ୍ଡ ନିକଟସ୍ଥ ଜଙ୍ଗଲକୁ ନେଇ ଯାଇଥିବା ପୋଲିସ ସନ୍ଦେହ କରୁଛି।

## ସଂସ୍କୃତ ଶିକ୍ଷକ ମହାସଂଘ କର୍ମକର୍ତ୍ତା ଚୟନ

**ବ୍ରହ୍ମପୁର ଅଫିସ,୨୭।୮:** ସ୍ଥାନୀୟ ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଗଞ୍ଜାମ ଜିଲା ସଂସ୍କୃତ ଶିକ୍ଷକ ମହାସଂଘ ରୌପ୍ୟ ଜୟନ୍ତୀ ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶିଶୁ ବିଦ୍ୟାମନ୍ଦିର ସଭାପତି ଭଗବାନ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ଦୁର୍ଗାଚରଣ ମିଶ୍ର, ପଣ୍ଡିତ ଗୌରୀ କୁମାର ମିଶ୍ର ପରିଚାଳନା କରିଥିଲେ। ସଂଘ ନୂତନ ସଭାପତି ଭାବେ ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀଙ୍କୁ ଚୟନ କରାଯାଇଥିଲା। ପଣ୍ଡିତ ଉପେନ୍ଦ୍ରନାଥ ମିଶ୍ର ଓ ପଣ୍ଡିତ ଲମ୍ବୋଦର ଶତପଥୀ ଉପସଭାପତି, ପଣ୍ଡିତ ବିନାୟକ ତ୍ରିପାଠୀ ସମ୍ପାଦକ, ପଣ୍ଡିତ ପ୍ରମୋଦ କୁମାର ବାଜୁବନ୍ଧ ସହ ସମ୍ପାଦକ, ପଣ୍ଡିତ ସୁଧାକର ବଳୀ ସଂଗଠନ ସମ୍ପାଦକ, ପଣ୍ଡିତ ପ୍ରଫୁଲ୍ଲ କୁମାର ଦାଶ କୋଷାଧ୍ୟକ୍ଷ, ପଣ୍ଡିତ ପ୍ରଭାକର ପଣ୍ଡା ରାଜ୍ୟ ପ୍ରତିନିଧି, ପଣ୍ଡିତ ଶରତ ଚନ୍ଦ୍ର ହୋତା ଓ ପଣ୍ଡିତ ଗୋପାଳକୃଷ୍ଣ ପାଢୀଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ସେହିପରି ମାମି ସାହୁ ଓ ବବିତାଞ୍ଜଳି ମିଶ୍ର ମହିଳା ପ୍ରମୁଖ ଭାବେ ମନୋନୀତ ହୋଇଥିଲେ। ପଣ୍ଡିତ ଜଗଦୀଶ ସାହୁ, ପଣ୍ଡିତ ତ୍ରିପତି ପ୍ରଧାନ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ହୋଇଥିଲେ।

## ବ୍ରହ୍ମପୁର ପୋଲିସ ଜିଲା ଇନ୍ସପେକ୍ଟରସ୍ତରରେ ଅଦଳବଦଳ

ବ୍ରହ୍ମପୁର ଅଫିସ,୨୭।୮

ବ୍ରହ୍ମପୁର ପୋଲିସ ଜିଲା ଇନ୍ସପେକ୍ଟରସ୍ତରରେ ଅଦଳବଦଳ ହୋଇଛି। ଜିଲା ମୁଖ୍ୟାଳୟ ଚିଠି ନଂ.୧୬୯୪ ଅନୁଯାୟୀ ମୋଟ ୮ ଇନ୍ସପେକ୍ଟରଙ୍କ ବଦଳି କରାଯାଇଛି। ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର ସୁରେଶ କୁମାର ତ୍ରିପାଠୀଙ୍କୁ ଟାଉନ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଟାଉନ ଥାନା ଅଧିକାରୀ ସନ୍ତୋଷିନୀ ଓରାମଙ୍କୁ ସଦର ଥାନାକୁ ବଦଳି କରାଯାଇଛି। ସେହିପରି ମୁଖ୍ୟାଳୟରେ ଥିବା ଦେବାଶିଷ ମହାନ୍ତିଙ୍କୁ ଟ୍ରାଫିକ ଥାନାକୁ ବଦଳି ହୋଇଥିବା ବେଳେ ଟ୍ରାଫିକ ଥାନାଧିକାରୀ ଭାବେ ଥିବା ସୁମନ୍ତ କିଷାନଙ୍କୁ ବୈଦ୍ୟନାଥପୁର ଅତିରିକ୍ତ ଥାନାଧିକାରୀ ଭାବେ ବଦଳି ହୋଇଛି। ସେହିପରି ପୋଲିସ ମୁଖ୍ୟାଳୟରେ ଥିବା ଉଦୟନାଥ ସେଠୀଙ୍କୁ ବିଦ୍ୟୁତ୍ ଥାନା, ମେରାଇନ ଥାନା ଇନ୍ସପେକ୍ଟର ବସନ୍ତ ସେଠୀଙ୍କୁ ଦିଗପହଣ୍ଡି ଥାନା, ଦିଗପହଣ୍ଡିରେ ଥିବା ଇନ୍ସପେକ୍ଟର ଗୌରାଙ୍ଗ ସାହୁଙ୍କୁ ମେରାଇନ ଥାନା ଓ ସଦର ଥାନାରେ ଥିବା ଇନ୍ସପେକ୍ଟର ଭାବନାନନ୍ଦ ପ୍ରଧାନଙ୍କୁ ଏଚଆରପିସିକୁ ବଦଳି କରାଯାଇଛି।

■ କେଏଟିଏସ୍ ଆୟୁର୍ବେଦ କଲେଜ ସମସ୍ୟା

# ବିଧାୟକଙ୍କୁ ଭେଟିଲେ ଛାତ୍ରସଂସଦ କର୍ମକର୍ତ୍ତା

ବ୍ରହ୍ମପୁର ଅଫିସ,୨୭।୮

ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଦୀର୍ଘ ବର୍ଷ ଧରି ବିଭିନ୍ନ ସମସ୍ୟାରେ ଗତି କରୁଛି। ଅଧ୍ୟାପକ ମରୁଡି ସାଙ୍ଗକୁ ପାରା ମେଡିକାଲ ଷ୍ଟାଫ ଅଭାବ ସମସ୍ୟାକୁ ବଢାଉଛି। ବିଗତ ଶିକ୍ଷା ବର୍ଷରୁ କଲେଜରେ ସିଟ ସଂଖ୍ୟା ବୃଦ୍ଧି କରାଯାଇଛି। ସେହି ଅନୁପାତରେ ପ୍ରଫେସର ପଦବୀ, ଅଧ୍ୟାପକ ପଦବୀ ପୂରଣ କରାଯାଇ ନାହିଁ। ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ସହ କଲେଜ ଓ ହସ୍‌ପିଟାଲର ବିଭିନ୍ନ ସମସ୍ୟାର ସମାଧାନ ନେଇ ସୋମବାର ଛାତ୍ରସଂସଦ କର୍ମକର୍ତ୍ତାମାନେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କୁ ସାକ୍ଷାତ୍ କରିଥିଲେ। ବିଭିନ୍ନ ସମସ୍ୟା ନେଇ ଛାତ୍ରସଂସଦ କର୍ମକର୍ତ୍ତାମାନେ ବିଧାୟକଙ୍କୁ ଅବଗତ କରାଇଥିଲେ। ଚିକିତ୍ସାଳୟରେ ଦୀର୍ଘ ବର୍ଷ ଧରି ଟେକ୍ନିସିଆନଙ୍କ ଅଭାବ ଯୋଗୁ କୋଟି କୋଟି ଟଙ୍କାର ମେଶିନ ଖତ ଖାଉଥିବା ବେଳେ ହସ୍‌ପିଟାଲରେ କର୍ମଚାରୀ ଅଭାବ ଲାଗି ରହିଛି। ସେହିପରି କଲେଜର ଛାତ୍ରଙ୍କ ସଂଖ୍ୟା ଅନୁପାତରେ ଛାତ୍ରାବାସରେ ଆବଶ୍ୟକ ସିଟ ନାହିଁ। ଓଭରହେଡ ଟ୍ୟାଙ୍କ ନ ଥିବାରୁ


ବିଧାୟକଙ୍କ ସହ ପୂର୍ବତନ ଛାତ୍ରସଂସଦ ସଭାପତି ଓ ସହ ସମ୍ପାଦକ।

### ଦୀର୍ଘ ବର୍ଷ ଧରି ଲାଗିରହିଛି ଅସୁବିଧା

ପ୍ରତି ଖରାଦିନେ ଜଳାଭାବ ଦେଖା ଦେଉଥିବା ସେମାନେ କହିଥିଲେ। ଦୀର୍ଘ ବର୍ଷ ଉପରୋକ୍ତ ସମସ୍ୟାର ସମାଧାନ ସହ ହାଉସସର୍ଜନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଛାତ୍ରମାନେ ବିଧାୟକଙ୍କୁ ଅନୁରୋଧ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଛାତ୍ରସଂସଦ ପୂର୍ବତନ ସଭାପତି ଆଶୁତୋଷ କର, ସହକାରୀ ସାଧାରଣ ସମ୍ପାଦକ ସତ୍ୟମ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ସହ ଜରିମାନା

ବ୍ରହ୍ମପୁର ଅଫିସ,୨୭।୮

### ନାବାଳିକାଙ୍କୁ ବଳାତ୍କାର

ନାବାଳିକାଙ୍କୁ ବଳାତ୍କାର ମାମଲାର ମଙ୍ଗଳବାର ଶୁଣାଣି କରି ଅତିରିକ୍ତ ଜିଲା ଦୌରା ଜଜ -୨ ତଥା ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଜଗଦୀଶ ପ୍ରସାଦ ମହାନ୍ତି ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୭ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।

ପ୍ରକାଶ ଯେ, ୨୦୧୮ ଜାନୁୟାରୀ ୧୨ ଅପରାହ୍ନ ପ୍ରାୟ ୫ଟାରେ ଜଣେ ୩ୟ ଶ୍ରେଣୀ ଛାତ୍ରୀ ସ୍କୁଲରୁ ଘରକୁ ଫେରିଥିଲେ। ତାଙ୍କ ମା' ବାରିପଟେ ବାସନ ସଫା କରୁଥିବା ବେଳେ ନାବାଳିକା ଘରେ ଟିଭି ଦେଖୁଥିଲେ। ଏହି ସମୟରେ ଜଣେ ଯୁବକ ଘରେ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଛାତ୍ରୀ ଜଣଙ୍କ ଚିତ୍କାର କରିଥିଲେ। ଝିଅ ପାଟି ଶୁଣି ବାରିପଟେ ଥିବା ପୀଡିତାଙ୍କ ମା' ଘରକୁ ଆସିଯିବାରୁ ଯୁବକ ଜଣଙ୍କ ଦୌଡ଼ି ପଳାଇଥିଲେ। ଗୁରୁତର ଥିବା ଝିଅଙ୍କୁ ତାଙ୍କ ମା' ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫/୧୮ରେ ମାମଲା ରୁଜୁକରି ଅଭିଯୁକ୍ତ ଗୋଇଲୁଣ୍ଡିର ପ୍ରଭାତ ନାୟକ ଓରଫ ରିଙ୍କୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ସବିତା ପାଣିଗ୍ରାହୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଅଭିଯୁକ୍ତ ରିଙ୍କୁ ଘଟଣା ପରଠାରୁ ଜେଲରେ ଥିବା ବେଳେ ମଙ୍ଗଳବାର ଏହି ମାମଲାର ବିଚାର ବେଳେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଅଭିଯୁକ୍ତ ପ୍ରଭାତଙ୍କୁ ଉପରୋକ୍ତ ଦଣ୍ଡାଦେଶର ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍‌ସୋ ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

### ଟ୍ରେନରେ ଡକାୟତି ଯୋଜନା

# ମାଷ୍ଟରମାଇଣ୍ଡ ସହ ୩ ଗିରଫ

ବ୍ରହ୍ମପୁର ଅଫିସ,୨୭।୮

ସରକାରୀ ରେଳବାଇ ଥାନା (ଜିଆରପି) ପୋଲିସ ସୋମବାର ବିଳମ୍ବିତ ରାତିରେ ଟ୍ରେନରେ ଡକାୟତି ଯୋଜନା କରୁଥିବା ବେଳେ ଏକ ଡ଼କାୟତ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଡୁଲାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ବରଖମ୍ବା ଗ୍ରାମର ଡୁଲା ଓରଫ ବିନତ କୁମାର ନାୟକ, ଖଲ୍ଲିକୋଟ ତେନ୍ତୁଳିଆପଡାର ଲେମ୍ବୁ ଓରଫ ଲମ୍ବୋଦର ଜାଲି ଓ ଜଗତସିଂହପୁର ଜିଲା ପାରାଦୀପ ଲକ ଥାନା ଅନ୍ତର୍ଗତ ନୁନୁକାର ତପନ ବେହେରା। ପୋଲିସ ନଂ. ୬୬/୧୯ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ସୋମବାର ବିଳମ୍ବିତ ରାତିରେ ଟ୍ରେନରେ ଡକାୟତି କରିବାକୁ କେତେକ ଦୁର୍ବୃତ୍ତ ଯୋଜନା କରୁଥିବା ନେଇ ପୋଲିସ ଆଗୁଆ ସୂଚନା ପାଇଥିଲା। ଏହାକୁ ଆଧାର କରି ବ୍ରହ୍ମପୁର ଜିଆରପି ଥାନାଧିକାରୀ ଭୋଇ, ଖୋର୍ଦ୍ଧା ଜିଆରପି ଅଧିକାରୀ ସନ୍ତୋଷ କୁମାର ବାହିନୀପତି ଓ ଆରପିଏଫ କର୍ମଚାରୀ ବିଳମ୍ବିତ ରାତିରେ ୪ ନମ୍ବର ପ୍ଲାଟଫର୍ମରେ ଚଢାଉ କରି ୩ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ କାବୁ କରିଥିଲେ। ଘଟଣାସ୍ଥଳରୁ ୨ ଜଣ ଖସି ପଳାଇଥିଲେ ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କ ନିକଟରୁ ପୋଲିସ ୩ଟି ଛୁରି, ମୋବାଇଲ ଫୋନ ୨ଟା, ୩ ଟ୍ରେନ ଟିକେଟ, ମୁଖା ୩ ଓ ୮୫୦ ଟଙ୍କା ଜବତ କରାଯାଇଥିବା ପୋଲିସ କହିଛି। ଅଭିଯୁକ୍ତଙ୍କୁ ଜେରା ବେଳେ ସେମାନେ କୋଣାର୍କ ଏକ୍ସପ୍ରେସରେ ଡକାୟତି ପାଇଁ ଯୋଜନା ଚଳାଇଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା।

# ସ୍ୟାଟ୍ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି

ବ୍ରହ୍ମପୁର ଅଫିସ,୨୭।୮

### ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ

ସରକାର ଉଚ୍ଛେଦ କରିଥିବା ସ୍ୟାଟ୍ (ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ) ପୁନଃ କାର୍ଯ୍ୟକ୍ଷମ କରିବାକୁ ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଦାବି କରିଛି। ଏହାଦ୍ୱାରା ସରକାରୀ କର୍ମଚାରୀ, ଅଧିକାରୀ ଓ ଅବସରପ୍ରାପ୍ତ କର୍ମଚାରୀମାନେ ତ୍ୱରିତ ନ୍ୟାୟ ପାଇ ପାରିବାର କୁହାଯାଇଛି। ସରକାରଙ୍କ ନିଷ୍ପତ୍ତି ପ୍ରତିବାଦରେ ୨୦ରୁ ଅଧିକ ସଂଗଠନ କର୍ମକର୍ତ୍ତାଙ୍କୁ ନେଇ ମିଳିତ କନ୍‌ଭେନସନରେ ସ୍ୟାଟ ଉଚ୍ଛେଦର ନିନ୍ଦା ମଧ୍ୟ କରାଯାଇଛି। ତେଣୁ ରାଜ୍ୟ ସରକାର ପୁନଃ ବିଚାର କରିବା ଉପରେ ମଞ୍ଚର ଗଞ୍ଜାମ ଜିଲା ଶାଖା ଗୁରୁତ୍ୱ ଦେଇଛି।

ମଞ୍ଚ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ମଙ୍ଗଳବାର ବ୍ରହ୍ମପୁରରେ କହିଛନ୍ତି ସ୍ୟାଟରେ ୭୨ ହଜାର ମାମଲା ବିଚାର ପାଇଁ ଥିବା ବେଳେ ସରକାର ଅଚାନକ ଭାବେ ଉଚ୍ଛେଦ କରିଛନ୍ତି। ଏହା ଅଗଣତାନ୍ତ୍ରିକ ଓ ଅନ୍ୟାୟ ବୋଲି ସେ ଅଭିଯୋଗ ବାଢ଼ିଛନ୍ତି। କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀ ନ୍ୟାୟ ପାଇବା ଲାଗି ହାଇକୋର୍ଟରେ ମାମଲା ରୁଜୁ କରିବାକୁ ସରକାର ପରାମର୍ଶ ଦେଇଛନ୍ତି। ଏହାକୁ ଖାଡ଼ଙ୍ଗା କଡ଼ା ସମାଲୋଚନା କରିଛନ୍ତି। ହାଇକୋର୍ଟରେ ଯଦି ନ୍ୟାୟ ନ ମିଳିବ ତେବେ ସୁପ୍ରିମକୋର୍ଟ ଯିବାକୁ ପଡ଼ିବ। ଫଳରେ ସାଧାରଣ କର୍ମଚାରୀ ଏବଂ ଅବସର କର୍ମଚାରୀ ନାହିଁ ନ ଥିବା ଖର୍ଚ୍ଚାନ୍ତ କରିବାକୁ ପଡ଼ିବ। ବାରମ୍ବାର ଦିଲ୍ଲୀ ଯାଇ ଅଣନିଃଶ୍ୱାସୀ ହୋଇଯିବ।

କନଭେନସନରେ ମଞ୍ଚ ରାଜ୍ୟ ସଭାପତି ଶରତ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଲୋକନାଥ ରଥ ରାଜ୍ୟ ସରକାରଙ୍କ ଉଚ୍ଛେଦ ନିଷ୍ପତ୍ତିକୁ ଖୋଲା ବିରୋଧ କରିଥିଲେ। ବିଭିନ୍ନ ସଂଘ ନେତା ସୂର୍ଯ୍ୟମଣି ତ୍ରିପାଠୀ, ଦୁର୍ଗାଚରଣ ନାୟକ, କୃଷ୍ଣଚନ୍ଦ୍ର ମହାପାତ୍ର, ଅଶୋକ ସାହୁ, ଚିତ୍ତରଞ୍ଜନ ସେନାପତି, ଅମିୟ ମହାନ୍ତି, ନରସିଂହ ଆଚାରୀ, ବିଶ୍ୱନାଥ ପଣ୍ଡା, କୈଳାସ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସ୍ୟାଟ ଉଚ୍ଛେଦକୁ ବିରୋଧ କରିଥିଲେ। ପୁନଃ ପ୍ରଚଳନ କରା ନ ଗଲେ ପ୍ରତିବାଦରେ ମିଳିତ ଫୋରମ ଗଠନ ହେବ ଏବଂ ଆନ୍ଦୋଳନ କରାଯିବାର ଖାଡ଼ଙ୍ଗା ସ୍ପଷ୍ଟ କରି ଦେଇଛନ୍ତି।

### ଶ୍ରୀମନ୍ଦିରର ବିଭିନ୍ନ ଘଟଣା

# ତଦନ୍ତ କମିଶନ୍‌ଙ୍କ ରିପୋର୍ଟ ସାର୍ବଜନୀନ ହେଉ

ବ୍ରହ୍ମପୁର ଅଫିସ,୨୭।୮

ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଚାବି ହଜିବା ଘଟଣା ପ୍ରଘଟ ହେବା ପରେ ରାଜ୍ୟ ସରକାରଙ୍କ ତରଫରୁ ତଦନ୍ତ କମିଶନ ଗଠନ କରାଯାଇଥିଲା। କମିଶନ ତଦନ୍ତ କରିବା ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲା। ହେଲେ ଦେଢ଼ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ସରକାରଙ୍କ ପକ୍ଷରୁ ତଦନ୍ତ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରାଯାଉ ନାହିଁ। ଓଲଟି ତଦନ୍ତ ଆଳରେ ରାଜ୍ୟ ରାଜକୋଷରୁ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। କେବଳ ଏହି ଗୋଟିଏ ଘଟଣା ନୁହେଁ। ଅତୀତରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ତଦନ୍ତ କମିଶନ ଗଠନ କରାଯାଇଛି। ସମସ୍ତ କମିଶନ୍‌ଙ୍କ ତଦନ୍ତ ରିପୋର୍ଟକୁ ରାଜ୍ୟ ସରକାର ସାର୍ବଜନିନ କରନ୍ତୁ ବୋଲି ଦାବି କରିଛି ଭାରତୀୟ ବିକାଶ ପରିଷଦ। ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପରିଷଦ ପକ୍ଷରୁ ଏହି ଦାବି ରଖାଯାଇଛି।

୨୦୧୮ ଏପ୍ରିଲ୍ ୪ରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରତ୍ନଭଣ୍ଡାରର ସ୍ଥିତି ନିରୀକ୍ଷଣ ନିମନ୍ତେ ୧୬ଜଣିଆ ଟିମ୍ କୋଠରି ଦେଖିବା ପରେ ଚାବି ନ ଥିବା ଯୋଗୁ ଭିତର ଭଣ୍ଡାରକୁ ଯାଇପାରି ନ ଥିଲେ। କୋଠରିରେ ଗୋଟିଏ ବଦଳରେ ଦୁଇଟି ତାଲା ପଡ଼ିଥିଲା, କିନ୍ତୁ ଚାବି ମିଳି ନ ଥିଲା। ଜୁନ୍ ୩ରେ ଶ୍ରୀମନ୍ଦିର ପ୍ରଶାସନ ଏହାକୁ ସ୍ୱୀକାର କରିଥିଲେ। ଜୁନ୍ ୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘଟଣାର ତଦନ୍ତ କରିବା ପାଇଁ ଜଷ୍ଟିସ୍ ରଘୁବୀର ଦାସଙ୍କୁ କମିଶନ୍ ଭାବେ ନିଯୁକ୍ତି ଦେଇଥିଲେ। ହେଲେ ଆଶ୍ଚର୍ଯ୍ୟଜନକ ଭାବେ ଜୁନ୍ ୧୩ରେ ଜିଲାପାଳଙ୍କ ଲକର୍ ରୁମ୍‌ରେ ଏକ ଲଫାପାରେ ଚାବି ଥିବା ତତ୍କାଳୀନ ଜିଲାପାଳ ଘୋଷଣା କରିଥିଲେ। ଅନ୍ୟପଟେ ଡିସେମ୍ବର ପହିଲାରେ ଜଷ୍ଟିସ୍ ରଘୁବୀର ଦାସ ସରକାରଙ୍କୁ ୩୨୪ପୃଷ୍ଠାର ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଏଥି ମଧ୍ୟରେ ୮ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରାଯାଉନାହିଁ। କେବଳ ଏହି ଘଟଣା ନୁହେଁ, ଶ୍ରୀମନ୍ଦିରର ବିଭିନ୍ନ ପ୍ରସଙ୍ଗକୁ ନେଇ ଭିନ୍ନ ଭିନ୍ନ ସମୟରେ ଗଠିତ ହୋଇଥିବା ତଦନ୍ତ କମିଶନଗୁଡ଼ିକର ରିପୋର୍ଟ ପ୍ରକାଶ ପାଉନାହିଁ। ଶ୍ରୀମନ୍ଦିର ପରିସରରେ ନାଗାର୍ଜୁନ ବେଶ ଅବସରରେ ଘଟିଥିବା ଅଘଟଣର ତଦନ୍ତ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଜୀବନ ମୋହନ ମହାପାତ୍ରଙ୍କୁ ଦିଆଯାଇଥିଲା। ଦୁଇ ବର୍ଷର ତଦନ୍ତ ପରେ ସେ ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟ ଏଯାଏ ସାର୍ବଜନୀନ ହୋଇନାହିଁ। ୨୦୦୬ରେ ଜଗନ୍ନାଥ ମନ୍ଦିର ପରିସରରେ ଦଳାଚକଟା ଘଟଣାର ତଦନ୍ତ ପାଇଁ ଅବସରପ୍ରାପ୍ତ ବିଚାରପତି ପି.କେ. ମହାନ୍ତିଙ୍କୁ ତଦନ୍ତ କମିଶନ ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୦୯ରେ ସେ ରିପୋର୍ଟ ଦେଇଥିଲେ। ୪୬ଲକ୍ଷ ଟଙ୍କା ତଦନ୍ତ ପାଇଁ ଖର୍ଚ୍ଚ ହୋଇଥିବା ବେଳେ ଏହି ରିପୋର୍ଟ ମଧ୍ୟ ପ୍ରକାଶ କରାଯାଇନାହିଁ। ୨୦୧୫ ନବକଳେବରରେ ଘଟ ପରିବର୍ତ୍ତନ ବିବାଦର ମଧ୍ୟ ତଦନ୍ତ କରାଯାଇଛି। ଏହି ରିପୋର୍ଟକୁ ମଧ୍ୟ ପ୍ରଘଟ କରାଯାଉନାହିଁ। ୨୦୧୬ରେ ଶ୍ରୀ ମନ୍ଦିରର ସଂସ୍କାର ପାଇଁ ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସଙ୍କ କମିଶନ ଗଠନ କରାଯାଇଥିଲା। ଏହି କମିଶନ ବର୍ତ୍ତମାନ ସୁଦ୍ଧା ୨ଟି ଅନ୍ତରୀଣ ରିପୋର୍ଟ ଦାଖଲ କରିଛି। ୯୪ଲକ୍ଷ ଟଙ୍କା ଖର୍ଚ୍ଚ ହେଲାଣି। ହେଲେ ରିପୋର୍ଟରେ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରାଯାଉନାହିଁ।

ତଦନ୍ତ ରିପୋର୍ଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାପି ଦେଇଛନ୍ତି। ଏବେ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ପୁରୀର ବିକାଶ ଲାଗି ୫ଶହ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ସେ ପ୍ରଥମେ ରିପୋର୍ଟଗୁଡ଼ିକ ସାର୍ବଜନିନ କରନ୍ତୁ ବୋଲି ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ଲଳିତ ମୋହନ ପାଢୀ, କିଶୋର ଚନ୍ଦ୍ର ପାତ୍ର, ମଧୁସୂଦନ ସେଠୀ, ସୂର୍ଯ୍ୟନାରାୟଣ ଦାସ, ସରିତା ପଣ୍ଡା, ସୁକାନ୍ତ ପଣ୍ଡା, ଗୁରୁଚରଣ ପାତ୍ର, ସୂର୍ଯ୍ୟନାରାୟଣ ବେହେରା ଏବଂ ପଦ୍ମ ଦାସ ପ୍ରମୁଖ ଦାବି କରିଛନ୍ତି।



ଖବରଦାତା ସମ୍ମିଳନୀରେ ସଂଗଠନ କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ



**ଫିରିଙ୍ଗିଆ, ୨୭।୮:** ଫିରିଙ୍ଗିଆ ଥାନା ପୋଲିସ ଚଢ଼ାଉ କରି ଏକ କାରରୁ ୩୫ କିଲୋ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କଟକ ଜିଲା ଆଠଗଡ ଥାନା ଅଞ୍ଚଳର ଚିତ୍ତରଞ୍ଜନ ମହାରଣା(୪୨) ଓ ତିଗିରିଆ ଥାନା ଅଞ୍ଚଳର ସୁଶାନ୍ତ ନାୟକ(୩୫) । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ମାଝିପଡା ଘାଟିରେ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ କାର ନଂ.ଓଆର ୦୨ବିଏଫ ୪୪୦୦ରୁ ଗଞ୍ଜେଇ ମିଳିଥିଲା । ଏ ନେଇ ଥାନାରେ ନଂ.୭୪ /୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

### ଆଦର୍ଶ ବିଦ୍ୟାଳୟ ସମସ୍ୟାକୁ ନେଇ ଅସନ୍ତୋଷ

**ଫୁଲବାଣୀ ଅଫିସ, ୨୭।୮:** ଫୁଲବାଣୀ ବ୍ଲକ ଧୋବାଟୁଠସ୍ଥିତ ଆଦର୍ଶ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଛି । ଏହାର ସମାଧାନ ହେଉ ନ ଥିବାରୁ ପିଲାଙ୍କ ପାଠ ପଢ଼ାରେ ବାଧା ସୃଷ୍ଟି ହେଉଛି । ବହୁ ଅସନ୍ତୁଷ୍ଟ ଅଭିଭାବକ ଏ ନେଇ ସୋମବାର ଜିଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ଏହି ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ବ୍ୟବସ୍ଥା ନାହିଁ । ଫଳରେ ବହୁ ଦୂରଦୁରାନ୍ତରୁ ଛାତ୍ରୀଛାତ୍ରୀମାନେ ପ୍ରତିଦିନ ବିଦ୍ୟାଳୟକୁ ଆସି ଫେରିବାରେ ଅସୁବିଧା ଭୋଗୁଛନ୍ତି। ସେହିପରି ସ୍କୁଲ ପକ୍ଷରୁ ବସ୍ ବ୍ୟବସ୍ଥା ନ ଥିବାରୁ ଅଟୋ ଓ ବାଇକରେ ପିଲାମାନେ ଯା' ଆସ କରୁଛନ୍ତି। ଅନେକ ସମୟରେ ଅଟୋ ଦୁର୍ଘଟଣାଗ୍ରସ୍ତ ହେଉଥିବା ମଧ ନଜିର ରହିଛି। କିଛିଦିନ ତଳେ ପୃଥକ ୨ ଦୁର୍ଘଟଣା ଘଟି ୫ ଛାତ୍ରୀଛାତ୍ର ଗୁରୁତର ଆହତ ହୋଇଥିଲେ । ସେହିପରି ସ୍କୁଲରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ୧୨ ଜଣଙ୍କ ସ୍ଥାନରେ ଅଛନ୍ତି ୬ । ପାନୀୟ ଜଳ ସମସ୍ୟା ମଧ ରହିଛି। ସ୍କୁଲ ପରିସରରେ ଏକ ନଳକୂଅ ଥିଲେ ବି ସେଥିରୁ ପାଣି ବାହାରୁ ନ ଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ସ୍କୁଲ ବସ ଚଳାଚଳ, ପାନୀୟ ଜଳ ସମସ୍ୟା ସମାଧାନ, ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଅଶୋକ କୁମାର ସାହୁ, କଳାକାର କହଁର, ପ୍ରଭାତ ଚନ୍ଦ୍ର କହଁର, ରଶ୍ମିବାଳା ମହାନ୍ତି, ଲବଙ୍ଗ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଦଣ୍ଡପାଣି କହଁର, ଇଷ୍ଟ ମଲିକ୍, ରବୀନ୍ଦ୍ର ନାୟକ, ଦମୟନ୍ତୀ ସାହୁଙ୍କ ସମେତ ବହୁ ଅବିଭାବକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ।

### ଗୋଷ୍ଠୀ ସମନ୍ୱୟ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

**ଶଙ୍କରାଖୋଲ,୨୭।୮(ଡି.ଏନ.ଏ.):** ଟିକାବାଲି ତେଡେଙ୍ଗାପଦରଠାରେ ଥିବା ବରାଳଦେବୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଚକାପାଦ ବ୍ଲକ ସମନ୍ୱୟ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି କିଶୋର ଚନ୍ଦ୍ର କହଁର ଅଧକ୍ଷତା କରିଥିଲେ। ଚକାପାଦ ବ୍ଲକ ଗୋଷ୍ଠୀ ସମନ୍ୱୟ ଶିକ୍ଷକ ସଂଘର ସଭାପତି ରୂପେ ପର୍ଶୁରାମ ନାୟକ, ଉପସଭାପତି ନଳିନୀ ଯାନୀ, ବୀରେନ୍ଦ୍ର ବେହେରା, ନାଭିଦତ୍ୟ ବେହେରା, ସମ୍ପାଦକ ଗୌରଚନ୍ଦ୍ର ନାୟକ, ସହ ସମ୍ପାଦକ ଅମ୍ରେଶ ମଲିକ, କୋଷାଧକ୍ଷ ହେମନ୍ତ ରାଉତଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଏହାପରେ ପଞ୍ଚାୟତିସ୍ତରୀୟ ପ୍ରତିନିଧି ଚୟନ କରାଯାଇଥିଲା। ସେମାନେ ହେଲେ କୁସୁମେଣ୍ଡି ପଞ୍ଚାୟତର ବୀରେନ୍ଦ୍ର କୁମାର କହଁର, (ଏଲ) ବପଲମେଣ୍ଡିର ରଞ୍ଜନ କୁମାର ଦିଗାଳ, ଶଙ୍କରାଖୋଲ ଗୋବିନ୍ଦ ଚନ୍ଦ୍ର ନାୟକ, ଆରାବାକା- ନରସିଂହ ଡାକୁଆ, ବେହେରା ଗାଁ ମନୋଜ ସାମଲ, ଚକାପାଦ ଈଶ୍ୱର ଚନ୍ଦ୍ର ନାୟକ, ବ୍ରାହ୍ମଣୀପାଦ ସୁଧାଂଶୁ ବେହେରା, କଖାରୁଝୋଲ- ଗୌତମ ଦାସ, ଚାହାଳି -ଜଗ ବଗର୍ତ୍ତି, ପସରା -ଗୋକୁଳଚନ୍ଦ୍ର ନାୟକ, ବାହାଡାସାହି-ନିମୁନଚନ୍ଦ୍ର କହଁର, ଉପଦେଷ୍ଟା ଭାବେ ଅରୁଣ କୁମାର ପୃଷ୍ଟି, ସାନ୍ତୁନ ପଟ୍ଟନାୟକ, କୁନ୍ତୀ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, କାହ୍ନୁଚରଣ ମାଝି, ଦିଲୀପ କୁମାର ଦିଗାଳଙ୍କୁ ମନୋନୀତ କରାଯାଇଥିଲା। ବ୍ଲକର ପ୍ରାୟ ୪ ଶହ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ ।

■ ତିଳକପଙ୍ଗା ସ୍କୁଲରେ ଛତା ଧରି ପିଲା ପଢ଼ିବା ଘଟଣା

# ପ୍ରଶାସନ ଚେତିଲା, ଶ୍ରେଣୀଗୃହ ପାଇଁ ହେବ ନୂଆ ଟେଣ୍ଡର

**ଫୁଲବାଣୀ ଅଫିସ, ୨୭।୮**

କ. ନୂଆଗାଁ ବ୍ଲକ ସାଇନପଡ଼ା ପଞ୍ଚାୟତର ତିଳକପଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଚାଲିଥିଲା। ଶ୍ରେଣୀ ଗୃହରେ ସାମାନ୍ୟ ବର୍ଷା ହେଲେ ପାଣି ଗଳୁଥିବାରୁ ପିଲାମାନେ ଛତା ଧରି ପାଠ ପଢୁଥିବା ଦେଖାଯାଇଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଛି । ପାଣି ଗଳୁଥିବା ଶ୍ରେଣୀଗୃହ ଉପରେ ପ୍ରଥମ ପର୍ଯ୍ୟାୟରେ ଆଜବେଷ୍ଟସ ପକାଯିବା ଆରମ୍ଭ ହୋଇଛି। ନଳକୂପ ସଜଡା ଯାଇଛି । ଏବେ ସମ୍ପୂର୍ଣ୍ଣ ଶ୍ରେଣୀଗୃହ ପାଇଁ ନୂତନ ଟେଣ୍ଡର ଆହ୍ୱାନ କରାଯିବାକୁ ପ୍ରସ୍ତୁତି ସରିଛି ।

ମିଳିଥିବା ସୂଚନା ଅନୁସାରେ, ୨୦୧୨ ମସିହାରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ହୋଇଥିଲା । ମାତ୍ର କେତେକ ଅନିବାର୍ଯ୍ୟ କାରଣ ଯୋଗୁ ଶ୍ରେଣୀଗୃହ ନିର୍ମାଣ ହୋଇ ପାରି ନ ଥିଲା । ବର୍ଷ ଗଡିବାରୁ ସମ୍ପୃକ୍ତ ଟେଣ୍ଡରଧାରୀ ସେତିକି ଟଙ୍କାରେ କାମ କରିବା ସମ୍ଭବ ନୁହେଁ ବୋଲି କହି କାମ କରି ନ ଥିଲେ । ଏ ନେଇ ସେ କୋର୍ଟ ଦ୍ୱାରସ୍ଥ ହୋଇଥିଲେ। ହେଲେ ପିଲାମାନେ ବର୍ଷାରେ ପଢୁଥିବା ଖବର ପ୍ରକାଶ ପାଇବା ପରେ ଜିଲାପାଳ ଏହାକୁ ଗୁରୁତ୍ୱର ସହ ନେଇ ଟେଣ୍ଡରଧାରୀଙ୍କ ସହ ଘଟଣା ବିଷୟରେ ପଚାରି ବୁଝିଥିଲେ। ପିଲାଙ୍କ ସ୍ୱାର୍ଥକୁ ଦେଖି ତୁରନ୍ତ କେସ୍ ଉଠାଇବାକୁ ପରାମର୍ଶ ଦେଇଥିଲେ। ଠିକାଦାର ଜଣକ ରାଜି ହେବାରୁ ଏବେ ନୂତନ ଟେଣ୍ଡର ପାଇଁ ବାଟ ଫିଟିଛି ଏବଂ କାର୍ଯ୍ୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଆର୍‌ଡି (ଗ୍ରାମ୍ୟ ନିର୍ମାଣ ବିଭାଜନ) ବିଭାଗ ପକ୍ଷରୁ ସୂଚନା ମିଳିଛି । ହେଲେ ନୂତନ ଆଜବେଷ୍ଟସ ଏବଂ ନଳକୂପ କାମ କ.ନୂଆଗାଁ ବ୍ଲକ ପକ୍ଷରୁ ଆରମ୍ଭ ହେବ। ବିଡିଓ ମନୋଜ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କରାଯିବ । ରୋଷେଇ ଘର, ନୂତନ ପାଇଖାନା ନିର୍ମାଣ ଏବଂ ଏକ ନିର୍ମିତ ନୂତନ କୋଠାର ଛାତ ଗ୍ରାଡିଂ କରାଯିବାକୁ ବିଡିଓ ତାଙ୍କ ରିପୋର୍ଟରେ ଜିଲାପାଳଙ୍କୁ ଅବଗତ କରିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୧୦ମ ପର୍ଯ୍ୟନ୍ତ ଶ୍ରେଣୀ ରହିଛି । ପ୍ରାୟ ୨୦୦ ଛାତ୍ରୀଛାତ୍ର ୬ଟି ଶ୍ରେଣୀ ଗୃହରେ ପାଠ ପଢୁଛନ୍ତି। ବର୍ଷା ଦିନ ଆସିଲେ ସ୍କୁଲରେ ଛାତ୍ରୀଛାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାରଣ ୪ଟି ଗୃହରେ ଛାତରୁ ବର୍ଷା ପାଣି ପଡୁଛି ।

### ପୂର୍ବତନ ବିଧାୟକଙ୍କ ସ୍ମୃତିଚାରଣ

**ବାଲିଗୁଡା,୨୭।୮(ଡି.ଏନ.ଏ.)**

ବାଲିଗୁଡା ପୂର୍ବତନ ବିଧାୟକ ସାହୁରା ମଲ୍ଲିକଙ୍କ ଦ୍ୱାଦଶାହରେ ନିଜ ଗ୍ରାମ ସୁଡ୍ରାଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ପୂର୍ବତନ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ପୂର୍ବତନ ବାଲିଗୁଡା ବିଧାୟକ ରାଜୀବ ପାତ୍ର, ଲକ୍ଷ୍ମୀକାନ୍ତ ମଲ୍ଲିକ, ପୂର୍ବତନ ଏମ୍‌ପିନକୁଳ ନାୟକ, ବରିଷ୍ଠ ବିଜେପିନେତା କମଳା ପାଣ୍ଡେଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶୋକସଭାରେ ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇବା ସହ ସ୍ମୃତିଚାରଣ କରିଥିଲେ। ପ୍ରକାଶ ଯେ, ଚଳିତ ମାସ ୧୬ ତାରିଖରେ ସାହୁରା ମଲ୍ଲିକଙ୍କ ଦେହାନ୍ତ ହୋଇଥିଲା।

■ ବିଚାରପତିଙ୍କୁ କୋର୍ଟ ଏଏସ୍‌ଆଇଙ୍କ ଦୁର୍ବ୍ୟବହାର ଅଭିଯୋଗ

## ଦାରିଙ୍ଗବାଡ଼ି ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ଦାରିଙ୍ଗବାଡ଼ି,୨୭।୮(ଡି.ଏନ.ଏ)**

ଦାରିଙ୍ଗବାଡ଼ି ପ୍ରଥମ ଶ୍ରେଣୀ ବିଚାର ବିଭାଗ ବିଚାରପତି ଗଗନ ସାହୁଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ବିଚାର ବିଭାଗରେ କାର୍ଯ୍ୟରତ ସିଏଏସ୍‌ଆଇ ପବିତ୍ର ମୋହନ ଛୋଟରାୟ ସୋମବାର ବିଚାରପତି ସାହୁଙ୍କୁ କୌଣସି ଏକ ଘଟଣାକୁ ନେଇ ଦୁର୍ବ୍ୟବହାର ଓ ଗାଳିଗୁଲଜ କରିଥିଲେ ବୋଲି ଦାରିଙ୍ଗବାଡି ଓକିଲ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ସଂଘ ପକ୍ଷରୁ ଏକ ବୈଠକ କରାଯାଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ସିଏଏସ୍‌ଆଇ ଛୋଟରାୟଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ଯାଏ ଆନ୍ଦୋଳନ ଜାରୀ ରହିବ ବୋଲି ସଂଘ ନିଷ୍ପତ୍ତି ନେଇଛି। ସଂଘ ପକ୍ଷରୁ ଏନେଇ ଜିଲା ମୁଖ୍ୟ ବିଚାରପତିଙ୍କ ନିକଟକୁ ଚିଠି ମାଧ୍ୟମରେ ଜଣାଯାଇଥିବାବେଳେ କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଦାରିଙ୍ଗବାଡ଼ି ଆଇଆଇସି



ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି।

ଅଲେଖ ଗରଡ଼ିଆ ଏବଂ ପ୍ରଥମ ଶ୍ରେଣୀ ବିଚାରପତି ଗଗନ ସାହୁଙ୍କୁ ମଧ ଲିଖିତ ଭାବେ ଜଣାଇ ଦିଆଯାଇଛି। ବିଭିନ୍ନ ସମୟରେ ଓକିଲ, ସାଧାରଣ ଜନତାଙ୍କୁ ମଧ ସେ ଏଭଳି ବ୍ୟବହାର କରୁଥିବା ସଂଘ ଅଭିଯୋଗ କରିଛି। ଏନେଇ ସିଏଏସ୍‌ଆଇ ଛୋଟରାୟଙ୍କୁ ଫୋନଯୋଗେ ପଚରାଯିବାରୁ ସେ ଏନେଇ କିଛି କହିବାକୁ ମନା କରିଥିଲେ। ଓକିଲ ସଂଘର ସଭାପତି ଟିପୁସୁଲତାନ ନାୟକଙ୍କ ସମେତ ଉପସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ଜରଲାଲ୍ ସିଂ, ସହ ସମ୍ପାଦକ ଏଲିଆସ ମାଝୀ, କୋଷାଧକ୍ଷ ଦିଲୀପ କୁମାର ବଳିଆର ସିଂ, ମାଥ୍ୟୁ ପ୍ରଧାନ, ମନୋଜ କୁମାର ପଣ୍ଡା, ଉମେଶ କର, ପ୍ରବୀର କୁମାର ସାହୁ ପ୍ରମୁଖ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

### ଲେଡିଙ୍ଗିଆରେ 'ସୋନିର କାହାଣୀ' ନାଟକ ମଞ୍ଚସ୍ଥ

**କ.ନୂଆଗାଁ,୨୭।୮(ଡି.ଏନ.ଏ.)**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକର ଲେଡିଙ୍ଗିଆ ପଞ୍ଚାୟତରଗ୍ରାମ୍ୟ ଛକ ଠାରେ ଏକ ସଚେତନଧର୍ମୀ ନାଟକ 'ସୋନିର କାହାଣୀ' ମଞ୍ଚସ୍ଥ ହୋଇଯାଇଛି । ଉକ୍ତ ନାଟକରେ ଅପପୁଷ୍ଟି ଚକ୍ର, ବାଲ୍ୟବିବାହର ଅପକାରିତା, ରକ୍ତହୀନତା, ମ୍ୟାଲେରିଆ ନିରାକରଣ ଓ ଗର୍ଭବତୀ ମା'ରଯତ୍ନ ଏବଂ ପ୍ରସବର ପୂର୍ବାପର ପ୍ରସ୍ତୁତିକୁ ନେଇ ସଚେତନ ନାଟକ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦାନ ସଂସ୍ଥା ସହାୟତା କରିଥିବା ବେଳେ ଲେଡିଙ୍ଗିଆ ସରପଞ୍ଚ ଅଞ୍ଜୁତା ମଲିକ ଉପସ୍ଥିତ ଥିଲେ । ଲେଡିଙ୍ଗିଆ ଅଙ୍ଗନବାଡି କର୍ମୀପଦ୍ମିନୀ ଦିଗାଳ, ବୁଡୁମାହା ଅଙ୍ଗନବାଡି କର୍ମୀ ମିନାକ୍ଷୀ ପ୍ରଧାନ, ଭଜାମୁଣ୍ଡାର କଳାବତୀ ପ୍ରଧାନ ଓ ଆଶାକର୍ମୀ ସୁରତି ନାୟକ ପ୍ରମୁଖ ଭୂମିକାରେ ଅଭିନୟ କରି ନାଟକ ମଞ୍ଚସ୍ଥ କରିଥିଲେ। ଏଥିରେ ପ୍ରଦାନ ସଂସ୍ଥାର କର୍ମୀ ମନ୍ଦାକିନୀ ଦେବୀ ମଞ୍ଚ ପରିଚାଳନା କରି ସମାଜକୁ ନାରୀମାନଙ୍କ ଭୂମିକା ଏବଂ ସ୍ୱାସ୍ଥ୍ୟ ସଚେତନ ଉପରେ ଗୁରୁତ୍ୱାରୋପ କରିଥିଲେ । ଗ୍ରାମର ବହୁ ଜନସାଧାରଣ, ନାରୀ, ଯୁବତୀ ମାନେ ଉପଭୋଗ କରିଥିଲେ।

## ଲିଙ୍ଗାଗଡ଼ରେ ତାଲିମ ଶିବିର

**ଜି.ଉଦୟଗିରି, ୨୭।୮(ଡି.ଏନ.ଏ.)**

ଜି.ଉଦୟଗିରି ବ୍ଲକ ଲିଙ୍ଗାଗଡ଼ଠାରେ ସ୍ନେହ ଅନୁଷ୍ଠାନ ପକ୍ଷରୁ ରବିବାର ଲିଙ୍ଗଭିତ୍ତିକ ନିରପେକ୍ଷତା ଓ ଏଥିଜନିତ ପାରିବାରିକ ହିଂସାକୁ ଦୂର କରି ପରିବାରରେ ଶାନ୍ତି ଆଣିବା ନିମନ୍ତେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ସଂଯୋଜକ ବିଜୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ସାନୁଜ ପ୍ରଧାନ ଯୋଗଦେଇ ପୁରୁଷ ଓ ମହିଳାଙ୍କ ସମାନ ଅଧିକାର, ସାମାଜିକ, ଶିକ୍ଷା କ୍ଷେତ୍ରରେ ଲିଙ୍ଗଭିତ୍ତିକ ଭେଦଭାବ ନ ରଖିବାକୁ ଗୁରୁତ୍ୱ ଦେଇଥିଲେ। ମୁଣ୍ଡାକାଙ୍ଗା, ଲିଙ୍ଗାଗଡ଼ ଓ କଟଡ଼ଗଣ୍ଡା ଗ୍ରାମର ଶାନ୍ତି କମିଟି ସଦସ୍ୟଙ୍କ ସମେତ ମହିଳାମାନେ ଶିବିରରେ ଯୋଗ ଦେଇଥିଲେ । ଅନୁଷ୍ଠାନର ବିସିଗ୍ରାମ ରାଜକୁମାର, ବିରାଜ ମୁଖି ଓ ତରୁଲତା ଦିଗାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ବାରିକୁମ୍ପାରେ ରକ୍ତଦାନ ଶିବିର

**ଖଜୁରିପଡ଼ା,୨୭।୮(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ବାରିକୁମ୍ପା ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଗାଁ କଲ୍ୟାଣ ସମିତି ତରଫରୁ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଜୁରିପଡା ପଞ୍ଚାୟତ ସମିତି ଅଧକ୍ଷ ବୀରେନ୍ଦ୍ର କୁମାର କହଁର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଲସକୁମ୍ପା ସରପଞ୍ଚ ଅଜୟ କୁମାର ମଲିକ, ଆଡ଼ାସିପଡ଼ା ସରପଞ୍ଚ ଜେମା ଦେବୀ ପ୍ରଧାନ, ଟିଗ୍ରାପଙ୍ଗା ସରପଞ୍ଚ ଗୀତାଞ୍ଜଳି ମଲିକ ଯୋଗ ଦେଇଥିଲେ। ବାରିକୁମ୍ପା ଉପ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମୀ ଡ଼ା. ନୀଳକଣ୍ଠ ବେହେରା, ଡ଼ା. ପଞ୍ଚଶିଳା ଦାସ, ଫାର୍ମାସିଷ୍ଟ ବିଭୂତି ଭୂଷଣ ସାହୁ, ଚନ୍ଦ୍ରମଣି ସାହୁ, ପଞ୍ଚାନନ



ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ଠାକୁର ଓ ନନ୍ଦିତା ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିବିର ଆଡ଼ାସିପଡ଼ା, ବଲସକୁମ୍ପା ଓ ଟିଗ୍ରାପଙ୍ଗା ପଞ୍ଚାୟତ ଦ୍ୱାରା ଆୟୋଜିତ ହୋଇଥିଲା । ଶିବିରରେ ୮୨ ୟୁନିଟ ରକ୍ତ ସଂଗ୍ରହ କରି ଫୁଲବାଣୀ ରକ୍ତ ଭଣ୍ଡାରକୁ ପଠାଯାଇଥିଲା । ଫୁଲବାଣୀ ରକ୍ତ ଭଣ୍ଡାରର ଡ଼ା. କୁମରମଣି ପ୍ରଧାନ, ନିରାକାର ଭଞ୍ଜ, ସୁଜିତ କୁମାର ସାହୁ, ତୁଷାର କାନ୍ତ ପ୍ରଧାନ, ଡ଼ା. ସୁବ୍ରତ ନାୟକ, ସଞ୍ଜୟ କୁମାର କର୍ଣ୍ଣ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

### ଦକ୍ଷତା ବୃଦ୍ଧି ତାଲିମ ଶିବିର

**କୋଦଲା,୨୭।୮(ଡି.ଏନ.ଏ.)**

କୋଦଲାସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ସହାୟତାରେ ଜନସାଧାରଣ ଓ କୋଦଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଆୟୋଜିତ ତାଲିମ ଶିବିର ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ସିଇଓ ସ୍ୱପ୍ନାରାଣୀ ମହାପାତ୍ରଙ୍କ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ ମହିଳା ସ୍ୱୟଂ ସହାୟକ ସଂଘ ଯୋଗ ଦେଇଥିଲେ। ଭୁବନେଶ୍ୱରର ଜନସାଧନା ଏନ୍‌ଜିଓ ସମ୍ପାଦିକା ସର୍ମିଷ୍ଠା ମହାନ୍ତି, ତାଲିମଦାତ୍ରୀ ଭାବେ ନୀଳାଦ୍ରିପ୍ରଧାନ, ପ୍ରଶାନ୍ତ ଖଟୁଆ, ରାଜେଶ୍ୱରୀ ପ୍ରଧାନ ଯୋଗଦେଇ ସ୍ୱୟଂ ସହାୟକ ଦଳର ଆବଶ୍ୟକତା, ସ୍ଥାୟିତ୍ୱର ମୂଳମନ୍ତ୍ର ଓ ଋଣ ପରିଚାଳନାକୁ ନେଇ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ୮ ଦିନ ଧରି ଚାଲିବା ନେଇ ଏନ୍‌ଏସି ସିଇଓ ସ୍ୱପ୍ନାରାଣୀ କହିଛନ୍ତି ।

## ଫିରିଙ୍ଗିଆରେ ଚାରାବଣ୍ଟନ କାର୍ଯ୍ୟକ୍ରମ

**ଫିରଙ୍ଗିଆ, ୨୭।୮**

ବନ ବିଭାଗ ପକ୍ଷରୁ ମଙ୍ଗଳବାର ଫିରିଙ୍ଗିଆ ବଜାର ଠାରେ ଲୋକଙ୍କୁ ୧ ଟଙ୍କାରେ ଚାରା ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଫୁଲବାଣୀ ବନଖଣ୍ଡ ଅଧିକାରୀ ଲକ୍ଷ୍ମୀକାନ୍ତ ବେହେରା ଉଦଘାଟନ କରିଥିଲେ । ରେଞ୍ଜର ବିଜୟ କୁମାର ମଲିକ, ଫରେଷ୍ଟର ଆଶିଷ କୁମାର ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନ ପ୍ରାୟ ୫ ହଜାର ଶାଗୁଆନ, ନୀଳଗିରି, କରଞ୍ଜ, ଅଁଳା, ଜାମୁ, ରାଧାଚୂଡ଼ା, ବେଲ ଆଦି ଚାରା ବିକ୍ରି କରାଯାଇଥିଲା ।



ଚାରା ବଣ୍ଟନ କରାଯାଉଛି।

### ଦକ୍ଷତାଭିତ୍ତିକ ତାଲିମ କେନ୍ଦ୍ର ଉଦ୍‌ଘାଟନ

**ବାଲିଗୁଡା,୨୭।୮(ଡି.ଏନ.ଏ.)**

ଫୁଲବାଣୀ ଆଇଟିଡିଏ ତରଫରୁ ବାଲିଗୁଡାସ୍ଥିତ ଜିସିଏଚଏମ ପରିସରରେ ଅଞ୍ଚଳର ୫୦ ଜଣ ଆଦିବାସୀ ଯୁବକ ମାନଙ୍କୁ ନେଇ ଏକ ୪୦ ଦିନିଆ ଘରୋଇ ଇଲେକ୍ଟ୍ରିସିଆନ ତାଲିମ କାର୍ଯ୍ୟକ୍ରମକୁ ଜି.ସି.ଏଚ.ଏମ.ର ପରିଚାଳକ କ୍ଷୀରୋଦ ବେହୁରା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ତାଲିମ ସମୟ ର ସମସ୍ତ ଖର୍ଚ୍ଚ ଫୁଲବାଣୀ ଆଇଟିଡିଏ ବିଭାଗ ବହନ କରିବ ବୋଲି ଶ୍ରୀ ବେହୁରା ପ୍ରକାଶ କରିଛନ୍ତି ।

■ ମୃତକଙ୍କ ନାମରେ ଭତ୍ତା ଟଙ୍କା ହଡ଼ପ ଘଟଣା

## ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ତଦନ୍ତ ଆରମ୍ଭ

**ଦାରିଙ୍ଗବାଡ଼ି,୨୭।୮(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଶ୍ରାନିକେତା ପଞ୍ଚାୟତରେ ମୃତକଙ୍କ ନାମରେ ଭତ୍ତା ଟଙ୍କା ହଡ଼ପ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ ମଙ୍ଗଳବାର ଦାରିଙ୍ଗବାଡ଼ିରେ ପହଞ୍ଚି ତଦନ୍ତ କରିଛନ୍ତି। ଭତ୍ତା ଉଠୁଥିବା ମୃତକମାନେ କେବେଠୁ ମଲେଣି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତାହାର ତଦନ୍ତ କରିଛନ୍ତି। ହେଲେ ଡାକ୍ତର ଏବଂ ରେକର୍ଡ଼ ପ୍ରଦାନ କରିବାକୁ କର୍ମଚାରୀ ଅନୁପସ୍ଥିତ ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ତଥ୍ୟ ହସ୍ତଗତ ହୋଇପାରିନାହିଁ। ପରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସେଠୀ ବ୍ଲକ କାର୍ଯ୍ୟାଳୟକୁ ଆସି ସେଠାରେ ବିଡିଓ ତ୍ରିଲୋଚନ ପାତ୍ରଙ୍କ ଆଲୋଚନା କରିବା ସହ ଶ୍ରାନିକେତା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶନ୍ନ କହଁରକୁ ପଚରାଉଚରା କରିଛନ୍ତି। ଶୀଘ୍ର ଏହାର ତଦନ୍ତ କରିବାକୁ ବିଡିଓ ପାତ୍ର ଏବଂ ବ୍ଲକ ପ୍ରୋଗ୍ରାମ ଅଧିକାରୀ ଧିରେନ୍ଦ୍ର ବଳିଆର ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ବିଡିଓ ପାତ୍ର ଶ୍ରାନିକେତା ଯାଇ ତଦନ୍ତ କରିବେ ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟଯେ ଉକ୍ତ ପଞ୍ଚାୟତରେ ୧୪ ଜଣ ମୃତକ ଏବଂ ଜଣେ ମହିଳାଙ୍କ ନାମରେ ଦୁଇଟି ଭତ୍ତା କାର୍ଡ଼ ରହିଥିବା ସାମାଜିକ ସମିକ୍ଷା ବେଳେ ଧରାପଡ଼ିଥିଲା।।



ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

■ ଦନେକବାଡ଼ି ପଞ୍ଚାୟତରେ ଭତ୍ତା ଅନିୟମିତତା ଅଭିଯୋଗ

# ନାବାଳିକା, ସଧବାଙ୍କୁ ମିଳୁଛି ବିଧବା ଭତ୍ତା

**ଦାରିଙ୍ଗବାଡ଼ି,୨୭।୮(ଡି.ଏନ.ଏ)**

**ସାମାଜିକ ସମୀକ୍ଷା, ଗ୍ରାମ ସଭାରେ ଉଠିଥିଲା ଅଭିଯୋଗ, ହୋଇନାହିଁ ତଦନ୍ତ**

ଦାରିଙ୍ଗବାଡ଼ି ବ୍ଲକ ଶ୍ରାନିକେତା ଏବଂ ଗ୍ରୀନବାଡ଼ି ପଞ୍ଚାୟତର ଭତ୍ତା ଦୁର୍ନୀତି ପଦାକୁ ଆସିବା ପରେ ଏବେ ଦୁର୍ଗମ ତଥା ମାଓବାଦୀ ପ୍ରବଣ ଦନେକବାଡ଼ି ପଞ୍ଚାୟତରେ ଭତ୍ତା ବଣ୍ଟନରେ ଦୁର୍ନୀତି ଅଭିଯୋଗ ହୋଇଛି। ସେଠାରେ ୪୭ ଜଣ ବିଧବାଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ରେକର୍ଡ଼ରେ ରହିଥିବାବେଳେ ସେମାନଙ୍କ ମଧ୍ୟରେ ୧୭ ଜଣ ସଧବା ରହିଛନ୍ତି। ସେମାନେ ଚଞ୍ଚକତା କରି ଭତ୍ତା ହାତଉଛନ୍ତି ନା ତାଙ୍କ ନାମରେ କୌଣସି ପଞ୍ଚାୟତ କର୍ମଚାରୀ ଉକ୍ତ ଅର୍ଥ ହଡ଼ପ କରୁଛନ୍ତି ତାହା ଜିଲାପ୍ରଶାସନ ସହ ଦୁର୍ନୀତି ନିବାରଣ ଅଧିକାରୀ ତଦନ୍ତ କରିବାକୁ ଦାବି ହୋଇଛି।

ସଧବାମାନେ ବିଧବା ଭତ୍ତା ପାଉଥିବାବେଳେ କେତେଜଣଙ୍କ ସ୍ୱାମୀ ସ୍ୱାମୀମାନେ ମଧ ବାର୍ଦ୍ଧକ୍ୟ ଭତ୍ତା ଉଠାଉଥିବା ଅଭିଯୋଗ ହୋଇଛି।



ସାମାଜିକ ସମୀକ୍ଷକ ଟିମ୍ ତଦନ୍ତ ପାଇଁ ଯାଇଥିବାବେଳେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡିଛି।

ଅବିବାହିତା ଯୁବତୀଙ୍କୁ ଭତ୍ତା ପ୍ରଦାନ ବ୍ୟବସ୍ଥା ରହିଥିବାବେଳେ ୩ ସନ୍ତାନ ଥିବା ଜଣେ ମହିଳା ଅବିବାହିତା ଭତ୍ତା ପାଉଥିବା ସାମଜିକ ସମୀକ୍ଷାବେଳେ ଅଡିଟ୍ ଟିମ୍ ଦ୍ୱାରା ଧରାପଡି ଏହାର ତଦନ୍ତ କରାଯାଇଛି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବସନ୍ତ କହଁର କହିଛନ୍ତି, ମୁଁ ଏନେଇ ଜାଣିନାହିଁ, ତଦନ୍ତ ପରେ ସ୍ପଷ୍ଟ ଜଣାପଡ଼ିବ କିଏ ସଧବା ଭତ୍ତା ପାଉଛନ୍ତି। ମୁଁ ୨ବର୍ଷ ହେଲା ଦନେକବାଡ଼ିରେ କାର୍ଯ୍ୟରେ ଯୋଗଦେଇଥିବାବେଳେ ସେହିଦିନଠାରୁ ଯାହା ରେକର୍ଡ଼ରେ ହିତାଧିକାରୀଙ୍କ ନାମ ରହିଛି ସେହି ପ୍ରକାରେ ତାଙ୍କୁ ଭତ୍ତା ଦିଆଯାଉଛି। ଏହିସବୁ ତଥ୍ୟ ଗ୍ରାମସଭାବେଳେ ଅଭିଯୋଗ ହେବାର ଇତିମଧ୍ୟରେ ୧୫ଦିନରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ତଦନ୍ତ କରାଯାଉନାହିଁ। ସେହିପରି ଜଣେ ସପ୍ତମ ଶ୍ରେଣୀ ନାବାଳିକାଙ୍କୁ ମଧ ବିଧବା ଭତ୍ତା ପ୍ରଦାନ କରାଯାଉଥିବା ଜଣାପଡିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଦାରିଙ୍ଗବାଡ଼ି ବିଡିଓ ତ୍ରିଲୋଚନ ପାତ୍ର କହିଛନ୍ତି। ସେ କହିଛନ୍ତି ଯେ, ସଧବାମାନଙ୍କୁ କିଏ କାହିଁକି କେଉଁ ପରିସ୍ଥିତିରେ ଭତ୍ତା ପ୍ରଦାନ କରୁଛି ତାହା ତଦନ୍ତ କରାଯିବ ସେ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଘଟଣା ସମ୍ପର୍କରେ ଶୁଣିଥିବା କହିଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୨୮ ଅଗଷ୍ଟ, ୨୦୧୯



## ସଂକ୍ଷେପରେ

### ଡାକ ବିଭାଗ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ଆସିକା,୨୭।୮(ଡି.ଏନ୍.ଏ.): ଶିଶୁ ଦିବସ ଉପଲକ୍ଷେ ଭାରତୀୟ ଡାକ ସେବା ବିଭାଗ ପକ୍ଷରୁ ଶିଶୁ ଅଧିକାର ଉପରେ ଆଧାରିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେଉଅଛି। ଏହି ପ୍ରତିଯୋଗିତାରେ ପ୍ରଥମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେବାର ବ୍ୟବସ୍ଥା ରହିଥିଲାବେଳେ ବିଷୟ ଆଧାରିତ ଚିତ୍ରକୁ ସେପ୍ଟେମ୍ବର ୨୦ ସୁଦ୍ଧା ସହକାରୀ ନିର୍ଦ୍ଦେଶକ (ଫିଲାଟେଲି) ନୂଆଦିଲ୍ଲୀକୁ ପଠାଇବା ଲାଗି ଡାକ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ମଙ୍ଗଳବାର ଆସିକା ଡାକ ମଣ୍ଡଳ କାର୍ଯ୍ୟାଳୟଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକି ବିଭାଗୀୟ ମଣ୍ଡଳ ଅଧୀକ୍ଷକ ବି. ମହେଶ୍ୱର ରାଓ ଏହି ସୂଚନା ଦେଇଛନ୍ତି। ଏଥିରେ ପ୍ରଥମ ପୁରସ୍କାର ବିଜେତାଙ୍କୁ ୫୦ହଜାର, ଦ୍ୱିତୀୟ ପୁରସ୍କାର ୨୫ ହଜାର ଓ ତୃତୀୟ ପୁରସ୍କାର ୧୦ହଜାର ଟଙ୍କା ରହିଥିଲାବେଳେ ୫ହଜାର ଟଙ୍କା ଲେଖାଏଁ ୫ଟି ସାନ୍ତ୍ୱନା ମୂଳକ ପୁରସ୍କାର ବ୍ୟବସ୍ଥା ରହିଛି। ପ୍ରତିଯୋଗୀମାନେ ଏ୪ ସାଇଜ କାଗଜରେ ଏହି ଚିତ୍ର ଆଙ୍କି ପଠାଇବାସହ ଏହା ତାଙ୍କର ନିଜସ୍ୱ ବୋଲି ଏକ ଘୋଷଣାନାମା ଦେବେ। ଆସିକା ଡାକ ମଣ୍ଡଳ ପକ୍ଷରୁ ମଣ୍ଡଳ ପରିସର ଭୁକ୍ତ ୧୧ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଏହି ସୂଚନା ଦିଆଯାଇଥିବା ମଣ୍ଡଳ ଅଧିକାରୀ ପ୍ରକାଶ କରିଛନ୍ତି।

### ଗ୍ରାମ ରାସ୍ତାରେ ଚାରାରୋପଣ

ହିଞ୍ଜିଳିକାଟୁ, ୨୭।୮(ଡି.ଏନ୍.ଏ): ହିଞ୍ଜିଳିକାଟୁ ବ୍ଲକ ପୋଡ଼ିଙ୍ଗୀ ଗ୍ରାମର ପଲ୍ଲୀ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରବିବାର ଗ୍ରାମ ରାସ୍ତାରେ ଚାରାରୋପଣ କରାଯାଇଛି। ଗ୍ରାମଠାରୁ ଜାତୀୟ ରାଜପଥ ନଂ.୫୯ ପ୍ରାୟ ଦେଢ଼ କିମି ରାସ୍ତାର ଉଭୟ ପାର୍ଶ୍ୱରେ ଚାରା ରୋପଣ ହୋଇଛି। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଆଲୋକ କୁମାର ନାୟକଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଉପଦେଷ୍ଟା କିରଣ କୁମାର ପାଢ଼ୀ, ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ରଞ୍ଜନ କୁମାର ସାହୁ, ପ୍ରଭୁଦତ୍ତ ପାତ୍ର, ଆକାଶ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ବହୁ ସ୍ୱେଚ୍ଛାସେବୀଙ୍କ ସହ ଗ୍ରାମବାସୀ ଚାରାରୋପଣରେ ଅଂଶଗ୍ରହଣ କରିଥିଲେ।

### ବ୍ରହ୍ମପୁର ଉପଜିଲାପାଳଙ୍କ ସାନଖେମୁଣ୍ଡି ଗସ୍ତ

ଦିଗପହଣ୍ଡି/ପାଟପୁର,୨୭।୮(ଡି.ଏନ.ଏ.): ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ମଙ୍ଗଳବାର ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଅଧୀନ ଶ୍ରୀଚନ୍ଦନପୁର ଆର୍‌ଆଇଙ୍କ କାର୍ଯ୍ୟାଳୟରେ ପହଞ୍ଚି ରାଜସ୍ୱ ସମ୍ପର୍କିତ ସମୀକ୍ଷା କରିଥିଲେ। ବିଭିନ୍ନ ରେକର୍ଡପତ୍ର ତନଖି ସହ ଉପସ୍ଥିତ ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକଙ୍କ ସହ ଆଲୋଚନା କରିଥିଲେ। ପରେ ପାଟପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ରାଜସ୍ୱ ନିରୀକ୍ଷକ ଦୀପକ କୁମାର ଗମାଙ୍ଗ, ଉପ ନିରୀକ୍ଷକ ସୁଶାନ୍ତ କୁମାର ଜାନୀଙ୍କ ସମେତ ରାଜସ୍ୱ କର୍ମଚାରୀ ଉପସ୍ଥିତ ଥିଲେ।

## ୫ ବର୍ଷ, କିଏ ୧୦ ବର୍ଷ ହେଲା ଛୁଟିରେ

# କାର୍ଯ୍ୟାନୁଷ୍ଠାନ ପାଇଁ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ୍,୨୭।୮

ଉଚ୍ଚ ପଦସ୍ଥ ଅଧିକାରୀଙ୍କଠାରୁ ବିନା ଅନୁମତିରେ, ଲମ୍ବା ଛୁଟିରେ ଚାଲି ଯାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଛି ଗଣ ଶିକ୍ଷା ବିଭାଗ। ବେଆଇନ୍ ଭାବେ ଛୁଟିରେ ଯାଇଥିବା ଗଞ୍ଜାମ ଜିଲାର ୮ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଦୁଇଜଣ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ବିଶ୍ୱନାଥ ପ୍ରଧାନ ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପାଇବା ପରେ ୧୦ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି।

କେବଳ ଗଞ୍ଜାମ ନୁହେଁ, ରାଜ୍ୟର ବିଭିନ୍ନ ଜିଲାରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବର୍ଷ ବର୍ଷ ଧରି ଛୁଟିରେ ଯିବା ପରେ ଆଉ ଫେରୁନାହାନ୍ତି। ଏପରିକି ବିଦ୍ଧିବଦ୍ଧ ଭାବେ ଛୁଟି ପାଇଁ ଆବେଦନ ମଧ୍ୟ କରୁନାହାନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କୁ ନେଇ ମାସିକ ଭିଡ଼ିଓ କନ୍‌ଫରେନ୍ସିଂ ସମୟରେ ଏହି ତଥ୍ୟ ପଦାକୁ ଆସିଥିଲା। କେତେକ ଶିକ୍ଷା ଅଧିକାରୀ ସେମାନଙ୍କ ଜିଲାରେ ଜଣେ ହେଲେ ବିନା ଆବେଦନରେ ଛୁଟିରେ ନ ଥିବା ପ୍ରକାଶ କରିଥିଲେ। ଯାହାକୁ ନେଇ ଗଣ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ମନରେ ସନ୍ଦେହ ହୋଇଥିଲା। ବେଆଇନ୍ ଭାବେ ଛୁଟିରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀଙ୍କ ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଭିତରେ ସମସ୍ତ ଜିଲା ଶିକ୍ଷା ଅଧିକାରୀ ରିପୋର୍ଟ ପ୍ରଦାନ କରିଛନ୍ତି। ସାରା ରାଜ୍ୟରେ ୧୮୯ ଶିକ୍ଷକ ଏବଂ କର୍ମଚାରୀ ୫ ବର୍ଷରୁ ଅଧିକ ସମୟ ହେଲା ବେଆଇନ୍ ଭାବେ ଛୁଟିରେ ଥିବା ଜଣା ପଡ଼ିଥିଲା। ଏହି ତାଲିକାରେ ଗଞ୍ଜାମ ଜିଲାର ୮ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଦୁଇଜଣ କର୍ମଚାରୀ ରହିଛନ୍ତି। କର୍ମଚାରୀଙ୍କ ମଧ୍ୟରେ ପାତ୍ରପୁର ବ୍ଲକର ଜଣେ ଷ୍ଟାଟିଷ୍ଟିକାଲ୍ ଆସିଷ୍ଟାଣ୍ଟ ଏବଂ ପୋଲସରା ବ୍ଲକର ଜଣେ ରାତ୍ରି ଜଗୁଆଳି ରହିଛନ୍ତି। ସେହିଭଳି ଧରାକୋଟ ବ୍ଲକର ଜଣେ ଶିକ୍ଷକ ୨୦୦୯ ଜୁଲାଇରୁ ଛୁଟିରେ ଥିବା ବେଳେ ରଙ୍ଗେଇଲୁଣ୍ଡା ବ୍ଲକର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ୨୦୧୧ ଏପ୍ରିଲ୍ ପହିଲାରୁ ଛୁଟିରେ ରହିଛନ୍ତି। ସେହିଭଳି ବେଲଗୁଣ୍ଠା ବ୍ଲକର ଜଣେ ଶିକ୍ଷକ ୨୦୦୪ ଜାନୁୟାରୀ ୨୦ତାରିଖରୁ ଛୁଟିରେ ଥିବା ବେଳେ ଗଞ୍ଜାମ ବ୍ଲକର ଜଣେ ଶିକ୍ଷକ ୨୦୧୨ ଡିସେମ୍ବର ୧୮ରୁ ଛୁଟିରେ ରହିଛନ୍ତି। କବିସୂର୍ଯ୍ୟନଗର ବ୍ଲକର ଜଣେ ଶିକ୍ଷକ ୨୦୧୪ ଜୁନ୍ ୨୩ରୁ ଛୁଟିରେ ରହିଛନ୍ତି। ତେବେ ପାତ୍ରପୁର ବ୍ଲକର ୩ଜଣ ଶିକ୍ଷୟିତ୍ରୀ ମଧ୍ୟ ଲମ୍ବା ଛୁଟିରେ ଯାଇ ଫେରି ନାହାନ୍ତି। ସେମାନଙ୍କ ମଧ୍ୟରୁ ଜଣେ ୨୦୧୩ ଜୁଲାଇ ୧ ରୁ ଏବଂ ଆଉ ଜଣେ ଜୁଲାଇ ୮ରୁ ଛୁଟିରେ ଥିବା ବେଳେ ଆଉ ଜଣେ ଶିକ୍ଷୟିତ୍ରୀ ୨୦୧୨ ଡିସେମ୍ବର ୨୧ରୁ ଛୁଟିରେ ରହିଛନ୍ତି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ୍ ଭାବେ ଛୁଟିରେ ଥିବା କର୍ମଚାରୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ସେପ୍ଟେମ୍ବର ୧୫ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ବିଶ୍ୱନାଥ ପ୍ରଧାନ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପଟେ ଗତ ବର୍ଷ ମଧ୍ୟ ବେଆଇନ୍ ଭାବେ ଛୁଟିରେ ରହିଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଜିଲାର ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କେବଳ ଗଞ୍ଜାମ ଜିଲାରେ ହିଁ ୧୪ଜଣ ଠିକା କନିଷ୍ଠ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସମସ୍ତଙ୍କ ଚୁକ୍ତିକୁ ବାତିଲ୍ କରାଯାଇଥିଲା। ହେଲେ ଅନ୍ୟ କୌଣସି ଜିଲାରେ କୌଣସି ପ୍ରକାର ପଦକ୍ଷେପ ନିଆଯାଇ ନ ଥିଲା।

### ଗ୍ରାମୀଣ ଆବାସ ଯୋଜନା ହିତାଧିକାରୀଙ୍କ ସମ୍ମିଳନୀ

ଶେରଗଡ,୨୭।୮(ଡି.ଏନ.ଏ.)

ଶେରଗଡ ବ୍ଲକ ସଭାଗୃହରେ ମଙ୍ଗଳବାର ଗ୍ରାମୀଣ ଆବାସ ଯୋଜନା ହିତାଧୀକାରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା ସାରସ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଗତ ୩ବର୍ଷ ମଧ୍ୟରେ କରାଯାଇଥିବା ଗ୍ରାମୀଣ ଆବାସ ଯୋଜନାରେ ଉପକୃତ ହିତାଧିକାରୀଙ୍କ ମନ୍ତବ୍ୟ ଲୋଡା ଯାଇଥିଲା। ଗୃହ କରିବା ସମୟରେ ଅସୁବିଧା ସମ୍ପର୍କରେ ହିତାଧିକାରୀ ମତ ରଖିଥିଲେ। ବିଡିଓ ସୁରଞ୍ଜନ କୁମାର ସାହୁ ଏଥିରେ ସଂଯୋଜନା କରିଥିଲେ। ଏଣିକି ଆବାସ ଗୃହ ଶେଷ ପରେ ବର୍ଷା ଜଳ ରଖିବା ଉପାୟ ହିତାଧିକାରୀ ଅବଲମ୍ବନ କରିବାକୁ କୁହାଯାଇଥିଲା। ସମ୍ମିଳନୀରେ ଏବିଡିଓ ଅରୁଣ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀଙ୍କ ସମେତ ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

## ଖେମୁଣ୍ଡି କଲେଜରେ ଓରିଏଣ୍ଟେସନ ପ୍ରୋଗ୍ରାମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧକ୍ଷା, ଅଧ୍ୟାପିକା ଓ ଅଧ୍ୟାପକବୃନ୍ଦ।

ଦିଗପହଣ୍ଡି,୨୭।୮(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜରେ ସୋମବାର ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମର ନୂତନ ଆଦର୍ଶ ସିଲାବସ (ପାଠ୍ୟ ଖସଡ଼ା) ସମ୍ପର୍କରେ ସଚେତନ କରାଯାଇଥିଲା। କଲେଜ ଅଧକ୍ଷା ପ୍ରଣତି ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ.ସନ୍ତୋଷ କୁମାର ସାହୁ ଯୁକ୍ତ ୩ ପ୍ରଥମ ଶ୍ରେଣୀ କଳା ବିଭାଗର ଛାତ୍ରୀଛାତ୍ରଙ୍କ ପାଇଁ ୨୦୧୯-୨୦ ଶିକ୍ଷାବର୍ଷ ନିମନ୍ତେ ପ୍ରଣୀତ ନୂତନ ପାଠ୍ୟଖସଡା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। କଲେଜ ଅଧକ୍ଷା ଓ ଅଧ୍ୟାପକ ଭବାନୀ ଶଙ୍କର ପାଣିଗ୍ରାହୀ ଯୁକ୍ତ ୩ ବିଜ୍ଞାନ ବିଭାଗର ନୂତନ ପାଠ୍ୟକ୍ରମ ଓ ପ୍ରଶ୍ନପତ୍ର ସରଣୀ ସହ ପରୀକ୍ଷା ପଦ୍ଧତି ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ୨୦୧୯-୨୦ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଣୀତ କରାଯାଇଥିବା ନୂତନ ଆଦର୍ଶ ଶିକ୍ଷା ସିଲାବସରେ ସ୍ଥାନିତ ବିଭିନ୍ନ ନୀତି ନିୟମ ବିଷୟରେ ଛାତ୍ରୀଛାତ୍ରମାନେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ ମାନଙ୍କୁ ପଚାରି ବୁଝିବା ସହ ସେନେଇ ସବିଶେଷ ଜ୍ଞାନ ଆହରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ବ୍ରହ୍ମ ଉତ୍ସବ

ଜଗନ୍ନାଥପ୍ରସାଦ, ୨୭।୮(ଡି.ଏନ.ଏ.)

କାଦୁଆ ମଙ୍ଗରାଜପୁର ଶାସନସ୍ଥିତ ଗୁପ୍ତେଶ୍ୱର ସ୍ୱାମୀ ପୀଠରେ ରାଜ୍ୟସ୍ତରୀୟ ବ୍ରହ୍ମ ଉତ୍ସବ ମହାସମାରୋହରେ ଆୟୋଜିତ ହୋଇଯାଇଛି। ନଗର ପରିକ୍ରମା, ଅଭିଷେକ ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କରଙ୍କ ସଭାପତିତ୍ୱରେ ସଂଯୋଜକ ସନ୍ତୋଷ କୁମାର କର, ସରୋଜ କୁମାର ଷଡ଼ଙ୍ଗୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଉପଦେଷ୍ଟା ଗୋଦାବରୀଶ ମହାପାତ୍ର, କୁଲାଡ଼ସ୍ଥିତ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପଣ୍ଡିତ ଭାବଗ୍ରାହୀ ତ୍ରିପାଠୀ, ବିଶିଷ୍ଟ କଳାକାର ବ୍ରଜ କିଶୋର ତ୍ରିପାଠୀ, ଭଞ୍ଜନଗରର ଅବସରପ୍ରାପ୍ତ ଅଧକ୍ଷ ପଣ୍ଡିତ କୈଳାସ ଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନ୍ତରପଡ଼ାର ପଣ୍ଡିତ କାଳୁଚରଣ ଶତପଥୀ, ପୁରୀର ପଣ୍ଡିତ ସତ୍ୟ ନାରାୟଣ ତ୍ରିପାଠୀ, ଭୁବନେଶ୍ୱରର ପଣ୍ଡିତ ଅବେନ୍ଦ୍ର କର, ନୟାଗଡ଼ର ପଣ୍ଡିତ କମଳାକାନ୍ତ ଆଚାର୍ଯ୍ୟ, କଳାକାର ଆଶୁତୋଷ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପଣ୍ଡିତ ଶ୍ରୀଧର କୁମାର ମହାପାତ୍ର, ରଶ୍ମିରଞ୍ଜନ ଷଡ଼ଙ୍ଗୀ, ସୁନୀଲ କୁମାର ଷଡ଼ଙ୍ଗୀ, ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରତାପ କୁମାର ତ୍ରିପାଠୀ, ସୁବ୍ରତ ମହାପାତ୍ର ଓ ମଦନ କୁମାର ମହାପାତ୍ର ସହଯୋଗ କରିଥିଲେ।

## ଡମ୍ପିଂୟାର୍ଡ ପାଇଁ ଜାଗା ଚିହ୍ନଟ

ଶେରଗଡ,୨୭।୮(ଡି.ଏନ.ଏ.)

ଶେରଗଡ ତହସିଲଦାର ଡ.ଦୟାସିନ୍ଧୁ ପରିଡା ମଙ୍ଗଳବାର ଶେରଗଡର ବର୍ଜ୍ୟବସ୍ତୁ ପକାଇବାକୁ ଏକ ଡମ୍ପିଂୟାର୍ଡ ପାଇଁ ଜାଗା ଚିହ୍ନଟ କରିଛନ୍ତି। ରାମଗିରି ମୌଜାରେ ଉକ୍ତ ଜମିକୁ ତହସିଲଦାର ପରିଡା ଓ ଶେରଗଡ ରାଜସ୍ୱ ନିରୀକ୍ଷକ ମନୋଜ କୁମାର ନାହାକ ଉକ୍ତ ସ୍ଥଳ ପରିଦର୍ଶନ କରିଥିଲେ। ଶେରଗଡ ବଜାରରୁ ପ୍ରତିଦିନ ବାହାରୁ ଥିବା କୁଡକୁଡ ମଇଳା ଏଣେତେଣେ ପହୁଛି। ମଙ୍ଗଳବାର ଦିନ ରାମଗିରି ମୌଜାରେ ଏକ ସରକାରୀ ଜମିକୁ ଯାଇ ତହସିଲଦାର ଚିହ୍ନଟ କରିଥିଲେ। ପରେ କରଡାକଣା ସେବା ସମବାୟ ସମିତିକୁ ଯାଇ କାର୍ଯ୍ୟ ତଦାରଖ କରିଥିଲେ। ଧାନ କିଣା ସମୟ ପାଖେଇ ଆସୁଥିବାବେଳେ ଚାଷୀ ପଞ୍ଜୀକରଣ ପ୍ରକ୍ରିଆ ସହ ଚାଷୀ ମାନଙ୍କ ତଥ୍ୟ ମହଜୁଦ କରିବାକୁ ପରାମର୍ଶ ଦେଇଥିଲେ। ୬୮ ଚାଷୀଙ୍କ ପଞ୍ଜୀକରଣ ହୋଇ ନଥିବାବେଳେ ତୁରନ୍ତ ଏହା କରି ରିପୋର୍ଟ ଦେବାକୁ ସମିତି ସମ୍ପାଦକ ପ୍ରଫୁଲ୍ଲ କୁମାର ମଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡେଙ୍ଗାପଦର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ମଧ ଗସ୍ତ କରି କାଗଜପତ୍ର ଠିକ୍ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।



ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମୀକ୍ଷା ଚାଲିଛି।

## ମୋ ସ୍କୁଲ କାର୍ଯ୍ୟକ୍ରମ, ବକ୍ସ ଲାଇବ୍ରେରି ଉଦ୍‌ଘାଟିତ

ପୋଲସରା/ହାତୀଓଟ, ୨୭।୮(ଡି.ଏନ.ଏ.)

ପୋଲସରା ବ୍ଲକ ହାତୀଓଟ ପଞ୍ଚାୟତ ହାତୀଓଟ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ବକ୍ସ ଲାଇବ୍ରେରି ମଧ ଉଦ୍‌ଘାଟିତ ହୋଇଛି। ପୋଲସରା ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିଲୋଚନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମୋ ସ୍କୁଲ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା ସହ ବକ୍ସ ଲାଇବ୍ରେରି ଉଦ୍‌ଘାଟନ କରିଥିଲେ। ମୋ ସ୍କୁଲ ଯୋଜନାରେ ଆସିଥିବା ୪ଟି ପ୍ରକଳ୍ପ ଶବ୍ଦ ଯନ୍ତ୍ର, ଲାଇବ୍ରେରି ଖେଳ ଉପକରଣ, ବିଶୁଦ୍ଧ ପାନୀୟ ଜଳର ଯନ୍ତ୍ର, ହାତଧୁଆ ବେସିନ ଆଦି ଉଦ୍‌ଘାଟନ କରିଥିଲେ।



ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳକୃଷ୍ଣ ପାତ୍ର, ସିଆର୍‌ସିସି ଜଗନ୍ନାଥ ପଣ୍ଡା, ପ୍ରଧାନ ଶିକ୍ଷକ ଉମା ଶଙ୍କର ଦାସ, ନିରାନନ୍ଦ ସାହୁ, କୁଳମଣି ସାହୁ, ସୁଶାନ୍ତ ସ୍ୱାଇଁ, ସୀମାଞ୍ଚଳ ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶାନୁସାରେ ପ୍ରତ୍ୟେକ ଶ୍ରେଣୀ କୋଠରିରେ ଗୋଟିଏ ଗୋଟିଏ ଲାଇବ୍ରେରୀ ରଖାଯାଇଥିଲା। ଶିକ୍ଷକ ନିରାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ

ଗୋପାଳପୁର,୨୭।୮

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଗୋପାଳପୁର ନୂଆ ବସଷ୍ଟାଣ୍ଡ ଠାରେ ପାଳନ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଫେସର ଡ଼. ବିଷ୍ଣୁଚରଣ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ଗୋପାଳପୁର କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ପୂର୍ବତନ ସହ ନିର୍ଦ୍ଦେଶକ ସଂସ୍କୃତି କୃଷ୍ଣଚନ୍ଦ୍ର ନିଶାଙ୍କ ଯୋଗ ଦେଇଥିଲେ। ଏଥିରେ ଜିଲା ସଂସ୍କୃତି ଅଧିକାରୀ ଶୁକ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ଚୌଧୁରୀ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଜୀବନ ଆଧାର ଉପରେ ଆଲୋକପାତ କରିଥିଲେ। ଶ୍ରମିକ, ଦଳିତ, ମହିଳାମାନେ ସମାଜରେ ବିଭିନ୍ନ ସମୟରେ ଅବହେଳିତ ହୋଇ ରହି ଆସୁଛନ୍ତି। ଅନ୍ୟ ଅତିଥିବୃନ୍ଦ ନିଜ ନିଜ ଅଭିଭାଷଣ ଉପସ୍ଥାପନ କରିଥିଲେ। ଏହି ଅବସରରେ କଳାକାର ରବି ନାରାୟଣ ଶତପଥି, ପ୍ରବିର କୁମାର ସାବତ, ସମାଜସେବୀ ବି. ରାମ ମୂର୍ତ୍ତି, କରୁଣାକର ଦାସ ପ୍ରମୁଖଙ୍କ ସମ୍ମାନିତ କରାଯାଇଥିଲା। ଏଥିରେ ହଳଦିଆପଦର ସରପଞ୍ଚ ରାଜେଶ୍ୱରୀ ଦୋରା, ବିଷ୍ଣୁପ୍ରିୟା ନାୟକ, ଅଜିତ କୁମାର ଦାସ, ଅନାମିନା ପଟ୍ଟନାୟକ, ମୁନା ସେଠୀ, ଶଶୀଭୂଷଣ ମହାନ୍ତି, ଜାନକୀ ରାଓ, ବରିଷ୍ଠ ନାଗରିକ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଛେଳିଗଡ଼ ପ୍ରକଳ୍ପ ବିସ୍ଥାପିତଙ୍କ ପାଇଁ ଚିହ୍ନଟ ଜମିରେ ଚାରାରୋପଣ

ଦିଗପହଣ୍ଡି,୨୭।୮(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡା ପଞ୍ଚାୟତ ବବୁଲିବନ୍ଧ ମୌଜା ବାଲିପାଟ ଗାଁ ନିକଟରେ ଛେଳିଗଡ ଜଳସେଚନ ପ୍ରକଳ୍ପ ବିସ୍ଥାପିତଙ୍କ ପାଇଁ ଜମି ଚିହ୍ନଟ ହୋଇଛି। ଏହି ଜମିରେ ସୋମବାର ଗଜପତି ଜିଲାପାଳ ଅନୁପମ ଶାହା ଏବଂ ଏସ୍‌ପି ସାରା ଶର୍ମା ସମେତ ମୋହନା ତହସିଲଦାର ସଂଘମିତ୍ରା ଦେବୀ, ବିଡିଓ ବଂଶୀଧର ଖୋସଲା ପହଞ୍ଚି ବିଭିନ୍ନ ଚାରାରୋପଣ କରଛନ୍ତି। ପ୍ରଥମେ ଜିଲାପାଳ ଓ ଏସ୍‌ପି ବିସ୍ଥାପିତ ହେବାକୁ ଥିବା କାକିଲି, ଶୁବୁବା, ଚଢ଼ିଆପଦା, ଧରପୁର, ତିଲିଗାଁ ଆଦିରୁ ଆସିଥିବା ଲୋକମାନଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ପରେ ଚିହ୍ନଟ ହୋଇଥିବା ପ୍ରାୟ ୬୮ ପରିବାରଙ୍କ ଲାଗି ନିର୍ମାଣ ହେବାକୁ ଥିବା ବିସ୍ଥାପନ ଓ ପୁନର୍ବାସ କଲୋନୀର ନିର୍ଦ୍ଧାରିତ ଜମିରେ ଚାରା ରୋପଣ କରାଯାଇଥିଲା। ଛେଳିଗଡ ବିସ୍ଥାପିତ କଲୋନୀ ଅଞ୍ଚଳ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୫୦୦ ଚାରା ରୋପଣ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସୋମବାର ୪୦୦ ଚାରା ରୋପଣ କରାଯାଇଛି। ଜିଲାପାଳ ଓ ଏସ୍‌ପିଙ୍କ ଏହି ଗସ୍ତ ସମୟରେ ପ୍ରକଳ୍ପ ହେଡ ୱାସ ନିର୍ବାହୀ ଯନ୍ତ୍ରୀ ଇଂ.ନଗେନ୍ଦ୍ର ନାଥ ମହାରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ତ୍ରିନାଥ ମହାରଣା, ଦିଗପହଣ୍ଡି ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ଗଙ୍ଗାଧର ଲେଙ୍କା, କନିଷ୍ଠ ଯନ୍ତ୍ରୀ ଇଂ.ପ୍ରେମ ମହାପାତ୍ରଙ୍କ ସମେତ ବହୁ ସଂଖ୍ୟକ ପଞ୍ଚାୟତ ପ୍ରତିନିଧି, ଜଳ ସମ୍ପଦ ବିଭାଗୀୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।



ଗଜପତି ଜିଲାପାଳ ଓ ଏସପି ଚିହ୍ନଟ ଜମି ପରିଦର୍ଶନ କରୁଛନ୍ତି।

## ଛତ୍ରପୁର ଅତିରିକ୍ତ ଜିଲାପାଳଙ୍କ ପୋଲସରା ଗସ୍ତ

# ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ

ହାତୀଓଟ,୨୭।୮

ଛତ୍ରପୁର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀ ମଙ୍ଗଳବାର ପୋଲସରା ଗସ୍ତରେ ଯାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରକୁ ଗୁରୁତ୍ୱ ଦେଇ କାମ କିପରି ହେଉଛି ଓ ଏହାର ଅଧିକ ତ୍ୱରାନ୍ୱିତ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ତୁଙ୍ଗାପଡା ଆର୍‌ଆଇ କାର୍ଯ୍ୟାଳୟରେ ପହଞ୍ଚି ସମୀକ୍ଷା କରି ୩୦ଜଣ ହିତାଧିକାରିଙ୍କୁ ସରକାରୀ ମଞ୍ଜୁରପ୍ରାପ୍ତ ପଟ୍ଟା ପ୍ରଦାନ କରିଥିଲେ। ସେଠାରୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ ବିଷୟରେ ଅନୁଧ୍ୟାନ କରିବା ପରେ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ପ୍ରବେଶ କରିଥିଲେ। ନିର୍ବାହି ଅଧିକାରୀ, ଜେଇ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେସୁଦ୍ଧା କେହି ତାଙ୍କୁ ଚିହ୍ନି ପାରି ନ ଥିଲେ। ଜାଣିବା ପରେ ଉପରମହଲା ସ୍ଥିତ ସ୍ୱତନ୍ତ୍ର ଅଫିସ୍ ଗୃହକୁ ନିର୍ବାହୀ ଅଧିକାରିଙ୍କ ସମେତ ଜେଇ ଓ ବିଭାଗୀୟ କର୍ମଚାରୀମାନଙ୍କୁ ଡକାଇବାସହ ଏନ୍‌ଏସିରେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ସେ ନେଇ ଆଲୋଚନା କରିଥିଲେ। ଖବର ପାଇ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ସେଠୀଙ୍କୁ ଭେଟି ଅଚାନକ ଗସ୍ତ ସମ୍ପର୍କରେ ପଚାରିଥିଲେ। ମୁଁ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସିଛି। ତୁଙ୍ଗାପଡା ଆର୍‌ଆଇ କାର୍ଯ୍ୟାଳୟକୁ ଯାଇ ଏହା ଚାରିପଟେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଓ କାର୍ଯ୍ୟାଳୟକୁ ଭଲ ରାସ୍ତା ନ ଥିବା ଦେଖିଥିଲି। ପରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଡାକ୍ତର ଅଭାବ, ଷ୍ଟାଫ୍‌ନର୍ସ ଓ କର୍ମଚାରୀ ଅଭାବ, ରୋଗୀମାନଙ୍କର କମ୍ପ୍ୟୁଟରରେ ଠିକ ଭାବରେ ଉପସ୍ଥିତି ପଞ୍ଜୀକରଣ କରାଯାଉନାହିଁ, ଡାକ୍ତରମାନେ ମେଡିକାଲରେ ଥିବା ଔଷଧ ବଦଳରେ ରୋଗୀମାନଙ୍କୁ ଦୋକାନରୁ ଔଷଧ କିଣି ଆଣିବାକୁ ବାଧ୍ୟ କରୁଥିବା ଦେଖିଥିଲି। ମେଡିକାଲ ପରିବେଶ ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରକୁ ସମ୍ମାନ ଦେଇ ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାମ କରିବାକୁ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଥିଲେ।



ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିରିକ୍ତ ଜିଲାପାଳଙ୍କ ଯାଞ୍ଚ।

